# ମୋରମ ଚୋରି ଅଣାୟତ୍ତ

**କୋରେଇ,୨୯ା୧୨(ଚନ୍ଦ୍ରକାନ୍ତ ପତି):**

■ ଟେର୍ ପାଉନି ରାଜସ୍ୱ ଓ ଖଣି ବିଭାଗ
■ କାର୍ଯ୍ୟାନୁଷ୍ଠାନ ନିଆଯିବ: ଖଣି ଉପନିର୍ଦ୍ଦେଶକ

ଯାଜପୁର ଜିଲା ବ୍ୟାସନଗର ତହସିଲ ଅଞ୍ଚଳରେ ଲଘୁଖଣିଜ ସମ୍ପଦ ଚୋରା ଚାଲାଣ ବନ୍ଦ ହେବାର ନାଁ ଧରୁନାହିଁ। ବାଲି, ମାଟି, ମୋରମ, ମାଙ୍କଡ଼ା ପଥର ଆଦି ଚୋରାଚାଲାଣ କରି ମାଫିଆ ଅନେକ କୋଟି ଟଙ୍କା କମାଉଛନ୍ତି। ଏହି ତହସିଲ ଅଧୀନ ପଛିକୋଟ ରାଜସ୍ୱ ନିରୀକ୍ଷକଙ୍କ ସର୍କଲ ଆଖପାଖ ଅଞ୍ଚଳରେ ଜଙ୍ଗଲ ଓ ସରକାରୀ ଜମିରୁ ରାତିମାତ ମୋରମ ଚୋରି ହେଉଥିବା ଅଭିଯୋଗ ହେଉଛି। ହେଲେ ରାଜସ୍ୱ ବିଭାଗ କିମ୍ବା ଖଣି ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ।

ସୂଚନା ଅନୁଯାୟୀ, କୋରେଇ ବ୍ଲକ ଅଧୀନ ଅଖୁଆରୀ ପଞ୍ଚାୟତର କିଆପଦା ଓ ପାଟରଙ୍ଗା ପଞ୍ଚାୟତ ମଧ୍ୟରେ ଚାଲୁଥିବା ରେଙ୍ଗାଲି ବହୁମୁଖୀ ପ୍ରକଳ୍ପ କିନାରରେ ବେଆଇନ ଭାବେ ବିପୁଳ ମୋରମ ଚୋରାଚାଲାଣ ହେଉଛି। ବ୍ରାହ୍ମଣୀ ନଦୀରେ ଜେଆଇସିଏ (ଜାପାନ ଇଣ୍ଟରନ୍ୟାସନାଲ କୋଅପରେଟିଭ ଏଜେନ୍ସି) ବା ଜାଇକା ଅଧୀନରେ ଚାଲୁଥିବା ବାମପାର୍ଶ୍ୱ ବହୁମୁଖୀ ରେଙ୍ଗାଲି ପ୍ରକଳ୍ପ ପାଇଁ କୋରାବନ୍ଦୀ ରାଇସ ମିଲ୍ ନିକଟରେ ମୋରମ ଖନନ କରାଯାଇ କେନାଲର ଦୁଇ ପାର୍ଶ୍ୱରେ ରାସ୍ତା ନିର୍ମାଣ ପାଇଁ ମହଜୁଦ ରଖାଯାଉଛି। ଏହାକୁ ସ୍ଥାନାନ୍ତର କରିବାକୁ ସରକାରୀସ୍ତରରେ କୌଣସି ନିର୍ଦ୍ଦେଶ ଦିଆଯାଇନାହିଁ। ମାତ୍ର ସମ୍ପୃକ୍ତ ଠିକାଦାରଙ୍କ କେତେକ କର୍ମଚାରୀଙ୍କ ହାତକରି ସ୍ଥାନୀୟ ମୋରମ ମାଫିଆ



ପୋକ୍‌ଲିନ୍ ସାହାଯ୍ୟରେ ରାତିମାମ ମହଜୁଦ ଥିବା ମୋରମକୁ ହାଇୱା ଯୋଗେ ଚୋରାଚାଲାଣ କରି ଲାଭବାନ ହେଉଛନ୍ତି। ବଡ଼କଥା ହେଉଛି ରାତି ସମୟରେ ମୋରମ ଗାଡ଼ିଗୁଡ଼ିକ ଚଳପ୍ରଚଳ ପାଇଁ କେନ୍ଦୁଝର ଜିଲାର ନକଲି ଟ୍ରାନଜିଟ ପାସ୍ (ଟିପି) ବ୍ୟବହାର ହେଉଛି। ଯେଉଁଠି ଧରପଗଡ଼ ହେଉଛି ସେଠି ନ କଲି ଟିପି ଦେଖାଇ ମାଫିଆ ସହଜରେ ଖସି ଯାଉଛନ୍ତି। ଅନ୍ୟପକ୍ଷରେ ଆଖପାଖ ଅଞ୍ଚଳର କେତେଜଣ ଠିକାଦାର ମଧ୍ୟ ରାତିମତ ସେଠାରୁ ମୋରମ ନେଇ ପଞ୍ଚାୟତସ୍ତରରେ ନିର୍ମାଣ ହେଉଥିବା ବିଭିନ୍ନ ପ୍ରକଳ୍ପରେ ବ୍ୟବହାର କରି ବିଲ ହାତେଇ ନେଉଛନ୍ତି। ଯେବେଠାରୁ ବାଲି, ମୋରମ, ମାଙ୍କଡ଼ା ପଥର ଆଦି ଲଘୁଖଣିଜ ପଦାର୍ଥର ଦାୟିତ୍ୱ ଭାର ଖଣି ବିଭାଗ ହାତକୁ ଯାଇଛି ସେବେଠୁ ଲଘୁଖଣିଜ ଚୋରାଚାଲାଣ ବୃଦ୍ଧି ପାଉଛି। ମାଫିଆମାନେ ସକ୍ରିୟ ହୋଇଉଠିଛନ୍ତି। ତହସିଲ କର୍ତ୍ତୃପକ୍ଷ ମଧ୍ୟ ଖଣି ବିଭାଗକୁ ଦୋଷାରୋପ କରି ଚୁପ ବସୁଛନ୍ତି। ଫଳରେ ସରକାର ବିପୁଳ ମାତ୍ରାରେ ରାଜସ୍ୱ ହରାଉଛନ୍ତି। ଖଣି ବିଭାଗକୁ ଆବଶ୍ୟକ କର୍ମଚାରୀ ନ ଦେଇ ସମଗ୍ର ଲଘୁ ଖଣିଜ ସମ୍ପଦର ଦାୟିତ୍ୱଭାର ନ୍ୟସ୍ତ କରିବାରୁ ଏପରି ହେଉଥିବା ମତପ୍ରକାଶ ପାଉଛି। ଏ ସମ୍ପର୍କରେ ଯାଜପୁରରୋଡ଼ ଖଣି ଉପନିର୍ଦ୍ଦେଶକ ଜୟପ୍ରକାଶ ନାୟକଙ୍କୁ ପଚାରିବାରେ ସେ ଅନୁଧ୍ୟାନ କରି ମୋରମ ମାଫିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି।

# ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଅର୍ପିତା



@ ମୋନାଲିସା



@ ରଶ୍ମିରଞ୍ଜନ



@ ନରେଶ



@ ରାମନାରାୟଣ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନୂଆ ଓଡ଼ିଶା ଲୁପ୍ତ ପରମ୍ପରାକୁ ଉଜ୍ଜୀବିତ କରିବ: ବାଚସ୍ପତି



କାର୍ଯ୍ୟକ୍ରମରେ ଜଣେ କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

**ବିଞ୍ଝାରପୁର,୨୯ା୧୨(ରାମକୃଷ୍ଣ ଦାସ):**

**ବରୁଣେଶ୍ୱର ମହାବିଦ୍ୟାଳୟରେ ନୂଆ ଓ କାର୍ଯ୍ୟକ୍ରମ ଉଦ୍‌ଯାପିତ**

ଶୃଙ୍ଖଳିତ ସମାଜ ଗଠନର କର୍ଣ୍ଣଧର ହେଉଛନ୍ତି ଛାତ୍ରୀଛାତ୍ର ସମୂହ। ଛାତ୍ରାବସ୍ଥାରୁ ସମାଜସେବା, ପରୋପକାର, ସଂସ୍କୃତି ଓ ପରମ୍ପରା ପ୍ରତି ଆଗ୍ରହ ପ୍ରକାଶ କରି ଛାତ୍ରୀଛାତ୍ର ନିଜ ଭବିଷ୍ୟତକୁ ଉତ୍ତମଭାବେ ଗଢ଼ିବା ସହିତ ଲୁପ୍ତ ପରମ୍ପରାକୁ ଉଜ୍ଜୀବିତ କରିବାରେ ନୂଆ ଓ, ଯୁବ ଓଡ଼ିଶା ଓ ନବୀନ ଓଡ଼ିଶା କାର୍ଯ୍ୟକ୍ରମ ସେମାନଙ୍କୁ ପ୍ରେରଣା ଯୋଗାଇବ। ବିଞ୍ଝାରପୁର ବ୍ଲକର ଅଗ୍ରଣୀ ଶିକ୍ଷାନୁଷ୍ଠାନ ବରୁଣେଶ୍ୱର ମହାବିଦ୍ୟାଳୟଠାରେ ଆୟୋଜିତ ନୂଆ-ଓ, ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବାଚସ୍ପତି ତଥା ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ ଯୋଗଦେଇ ଏହି ମତବ୍ୟକ୍ତ କରିଛନ୍ତି।

ମହାବିଦ୍ୟାଳୟ ଅଧ୍ୟକ୍ଷା ବିନ୍ଦୁରେଖା ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟବ୍ୟକ୍ତ ଭାବେ ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ବଟକୃଷ୍ଣ ମହାପାତ୍ର, ସମ୍ମାନିତ ଅତିଥି ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, ଜିଲା ପରିଷଦ ସଭ୍ୟ ନନ୍ଦକିଶୋର ସାମଲ, ଅଧ୍ୟାପକ ବିଜୟକୃଷ୍ଣ ଦାସ ପ୍ରମୁଖ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏଭଳି ଚିନ୍ତାଧାରା ଛାତ୍ରୀଛାତ୍ରଙ୍କ କ୍ରୀଡ଼ା ଓ ଅନ୍ୟାନ୍ୟ ଅନ୍ତର୍ନିହିତ ପ୍ରତିଭାର ବିକାଶ କ୍ଷେତ୍ରରେ ବିଶେଷ ସହାୟକ ହେବ ବୋଲି କହିଥିଲେ। ଏହି ଅବସରରେ ଦୀର୍ଘ ଏକ ମାସଧରି ଚାଲିଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ମଞ୍ଚରେ ଅତିଥିମାନେ ମାନପତ୍ର, ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ। ମହାବିଦ୍ୟାଳୟ ଗ୍ରାନ୍ଥାଗାରିକ ରବୀନ୍ଦ୍ର ପରିଡ଼ା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଅଧ୍ୟାପକ ଦିଲୀପ ଦାସ ସଭା ସଞ୍ଚାଳନ କରିଥିଲେ। ଅଧ୍ୟାପିକା ମନସ୍ୱିନୀ ବେହେରା ଧନ୍ୟବାଦ ଦେଇଥିଲେ।

# ମସୁରପୁରରେ ରୁଦ୍ର ମହାଯଜ୍ଞ, ଗୁରୁ ସମ୍ମାନ ଉତ୍ସବ

**ରସୁଲପୁର,୨୯ା୧୨(ରଞ୍ଜିତ ରାଉତ):** ରସୁଲପୁର ବ୍ଲକ ଅନ୍ତର୍ଗତ ଗନ୍ଧଣ ପଞ୍ଚାୟତ ମସୁରପୁର ଗ୍ରାମର ବାବା ଆଖଣ୍ଡଳମଣି ମନ୍ଦିର ବାର୍ଷିକ ଉତ୍ସବ ଅବସରରେ ରୁଦ୍ର ମହାଯଜ୍ଞ ଓ ଗୁରୁ ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନନ୍ତ ପୁହାଣ ଓ ସ୍ତ୍ରୀ ଅନିତା ପୁହାଣଙ୍କ ପୌରୋହିତ୍ୟରେ ୪ଦିନ ବ୍ୟାପୀ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଯଜ୍ଞ ଅବସରରେ ପ୍ରଭୁ ରୁଦ୍ର ନାରାୟଣଙ୍କ ପୂଜା ବିଧି ସହ ଧର୍ମ ଚର୍ଚ୍ଚା ଆଲୋଚନା କରାଯାଇଥିଲା। ଭଜନ ସଂକୀର୍ତ୍ତନ ସାଙ୍ଗକୁ ପ୍ରବଚନ ଆଦି ଅନୁଷ୍ଠିତ ହୋଇଥିଲା। ଯଜ୍ଞ ଉଦ୍‌ଯାପନୀ ସନ୍ଧ୍ୟାରେ କର୍ତ୍ତା ପୁହାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଗୁରୁ ସମ୍ମାନ ଉତ୍ସବରେ ମୁଖ୍ୟ ଅତିଥି ଭାବେ କୋରେଇ ବିଧାୟକ ଅଶୋକ ବଳ, ସମ୍ମାନିତ ଅତିଥି ଡ. ଭିକାରି ଚରଣ ସାମଲ, ନିଖିଳ ଉତ୍କଳ ପ୍ରବକ୍ତା ପରିଷଦ ସଭାପତି ପଣ୍ଡିତ ପଦ୍ମନାଭ ତ୍ରିପାଠୀ, ସନ୍ଥ ଉଦୟନାଥ ପର୍ବତ ମହାରାଜ, ସ୍ଥାନୀୟ ସରପଞ୍ଚ ରୁଦ୍ର ନାରାୟଣ ମହାନ୍ତି, ସମିତିସଭ୍ୟ ଅଜୟ ପଣ୍ଡା, ପାଲାଗାୟକ ମୋହନ ଚରଣ ମଲ୍ଲିକ ଓ ବୃନ୍ଦାବନ ପଣ୍ଡା ପ୍ରମୁଖ ଯୋଗଦେଇ ଗୁରୁ ଓ ସନ୍ୟାସୀମାନଙ୍କୁ ସମ୍ମାନିତ କରିଥିଲେ। ପଣ୍ଡିତ ପଦ୍ମନାଭ ତ୍ରିପାଠୀ ଓ ସନ୍ଥ ଉଦୟନାଥ ପର୍ବତ ମହାରାଜଙ୍କୁ ଗାଁ ଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିଲା। ବିଧାୟକ ବଳଙ୍କୁ ସେବାରତ୍ନ ସମ୍ମାନ-୨୦୨୩ରେ ସମ୍ମାନିତ କରାଯାଇଥିଲା। ପ୍ରଶାନ୍ତ ପୁହାଣ ଧନ୍ୟବାଦ ଦେଇଥିଲେ।

# ବାଇକ୍ ଦୁର୍ଘଟଣାରେ ଆହତ ମହିଳା ମୃତ

**ପାଣିକୋଇଲି,୨୯ା୧୨ (ବିକାଶ କୁମାର ମଲ୍ଲିକ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ସଠିପୁର ଓଭରବ୍ରିଜ ନିକଟରେ ଗୁରୁବାର ବାଇକରୁ ଖସି ଗୁରୁତର ହୋଇଥିବା ମହିଳାଙ୍କ ଶୁକ୍ରବାର ମୃତ୍ୟୁ ହୋଇଛି। ସେ ହେଲେ ଯାଜପୁର ସଦର ଥାନା ଅନ୍ତର୍ଗତ ମାଳଆନ୍ଦପୁରର ରୁପା ମୁଣ୍ଡା(୩୫)। ବାଇକ୍‌ରୁ ପଡ଼ି ସେ ଗୁରୁତର ହୋଇଥିଲେ। ତାଙ୍କୁ ରାଜପଥ ପାଟ୍ରୋଲିଂ ଟିମ୍ ପକ୍ଷରୁ ଜାତୀୟ ରାଜପଥ ଆମ୍ବୁଲାନ୍ସ ଯୋଗେ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେ ଚିକିତ୍ସାଧୀନ ଥିଲେ। ପାଣିକୋଇଲି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି।

# ରାଜନୀତିରେ ଅଶୋକ ଦାସ ଥିଲେ ଦୁର୍ବାସା:ପ୍ରଫୁଲ୍ଲ ସାମଲ



ଅଶୋକ ଦାସଙ୍କ ଶ୍ରାଦ୍ଧ ଦିବସରେ ମଞ୍ଚାସୀନ ଅତିଥି।

**ଯାଜପୁର ଟାଉନ,୨୯ା୧୨ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଅଶୋକ ଦାସଙ୍କ ୧୪ତମ ଶ୍ରାଦ୍ଧ ଦିବସ ଅବସରରେ ଶୁକ୍ରବାର ଅଶୋକ ଦାସ ଶ୍ରଦ୍ଧାଳୁ ଶ୍ରଦ୍ଧାଞ୍ଜଳି ସମିତି ଆନୁକୂଲ୍ୟରେ ସ୍ଥାନୀୟ ବିରଜା ପାନ୍ଥଶାଳା ପ୍ରାଙ୍ଗଣରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ତପନ ମହାନ୍ତିଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଶୋକ ଦାସଙ୍କ ଫଟୋଚିତ୍ର ନିକଟରେ ତାଙ୍କର ଏକାନ୍ତ ଅନୁଗତ ବିଷ୍ଣୁବିହାରୀ ପ୍ରଦୀପ ପ୍ରଜ୍ୱଳନ କରିବା ସହ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଅପରାହ୍ନ ୪ଟାରେ 'ସ୍ମୃତିରେ ଅଶୋକ' ଶୀର୍ଷକ ଏକ ଆଲୋଚନାଚକ୍ରରେ ପୌର ଉପାଧ୍ୟକ୍ଷ ସନ୍ତୋଷ ମଲ୍ଲିକ ଅଧ୍ୟକ୍ଷତା କରିଥିବାବେଳେ ବ୍ୟାସନଗର ପୂର୍ବତନ ପୌରାଧ୍ୟକ୍ଷା ସବିତା ରାଉତ, ରସାନନ୍ଦ ମହାନ୍ତି, କୋରେଇ ବ୍ଲକ୍ ଅଧ୍ୟକ୍ଷ ଭିକାରୀ ବରାଳ, ସମାଜବାଦି ଜନାତା ପାର୍ଟି ସଭାପତି ରବି ବେହେରା, ଶିଶିର ଭଟ୍ଟମିଶ୍ର, ଯାଜପୁର ପୌରାଧ୍ୟକ୍ଷା ରଞ୍ଜୁଲତା ହୋତା, ଯାଜପୁର ବ୍ଲକ୍ ଅଧ୍ୟକ୍ଷା ସ୍ୱର୍ଣ୍ଣଲତା ପରିଡ଼ା ଓ ବିଷ୍ଣୁଚରଣ ବିହାରୀ ପ୍ରମୁଖ ଯୋଗଦେଇଥିଲେ।

ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦାସଙ୍କ ସ୍ମୃତିଚାରଣ କରି କହିଥିଲେ ଯେ, ସେ ସମୟର ବିଧାନସଭାର ଚର୍ଚ୍ଚିତ ବକ୍ତବ୍ୟ ଏବେ ଆଉ ଶୁଣିବାକୁ ମିଳୁନାହିଁ। ଭୁବନେଶ୍ୱରର ପ୍ରତିଷ୍ଠିତ ସାମ୍ବାଦିକ ଯେଉଁମାନେ ବିଧାନସଭାର ବିବରଣୀ ଲିପିବଦ୍ଧ କରନ୍ତି ସେମାନେ କେବଳ ଦାସଙ୍କ ବକ୍ତବ୍ୟ ଶୁଣିବା ନିମନ୍ତେ ଅପେକ୍ଷାରତ ଥାଆନ୍ତି। ଅଶୋକଙ୍କ ସମୟର ରାଜନୀତି ଏବେକା ସମୟର ରାଜନୀତିଠାରୁ ସମ୍ପୂର୍ଣ୍ଣ ଭିନ୍ନ ହୋଇଯାଇଛି। ବିଧାୟକମାନେ ଅଧିକାଂଶ କ୍ଷେତ୍ରରେ ଅଫିସରମାନଙ୍କୁ ମାନୁଥିବାବେଳେ ସେତେବେଳେ ଅଫିସରମାନେ ରାଜନେତାଙ୍କ ନିର୍ଦ୍ଦେଶକୁ ମାନୁଥିଲେ। ବାସ୍ତବରେ ଅଶୋକ ଥିଲେ ରାଜ୍ୟ ରାଜନୀତିର ଦୁର୍ବାସା ବୋଲି ସେ କହିଥିଲେ। ଯାଜପୁର ପୌର ଉପାଧ୍ୟକ୍ଷ ମଲ୍ଲିକ ତାଙ୍କ ବକ୍ତବ୍ୟରେ ଅଶୋକ ହିମାଳୟ ପରି ସୁଉଚ୍ଚ ବ୍ୟକ୍ତିତ୍ୱ ଥିଲେ ବୋଲି ଅଭିହିତ କରିଥିଲେ। ଯୁବନେତା ଧର୍ମେନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

# ରାଉତରାପୁରରେ ୯ ପ୍ରକଳ୍ପ ଉଦ୍‌ଘାଟିତ

**ବ୍ରହ୍ମବରଦା,୨୯ା୧୨ (ଯଯାତି କେଶରୀ ବେହେରା):**

ରସୁଲପୁର ବ୍ଲକ୍ ଅନ୍ତର୍ଗତ ରାଉତରାପୁର ପଞ୍ଚାୟତରେ ୯ ପ୍ରକଳ୍ପ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ, ସମ୍ମାନିତ ଅତିଥି ବରୀ ବିଧାୟିକା ସୁନନ୍ଦା ଦାସ, ବିଡିଓ ଅବନିକାନ୍ତ ସାହୁ, ବ୍ଲକ ଅଧ୍ୟକ୍ଷ ଆରୁଣ କୁମାର ରାଉତ ଏବଂ ଉପାଧ୍ୟକ୍ଷା ଜୟନ୍ତୀ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ବିପିଏମ ଶ୍ରୀନିବାସ ଚନ୍ଦ୍ର ଦାସ, ପ୍ରତିମା ପତି ଉପସ୍ଥିତ ଥିଲ। ସରପଞ୍ଚ ସ୍ୱର୍ଣ୍ଣଲତା ସାହୁଙ୍କୁ ନେତୃତ୍ୱରେ ପଞ୍ଚାୟତର ମିଶନ ଶକ୍ତି ଗୃହ, କୁଣ୍ଡପାଟଣା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଶୌଚାଳୟ, ମା'ତାରିଣୀ ପୀଠର ପୂର୍ଣ୍ଣାଙ୍ଗୀକରଣ, ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର, ଦର୍ଶନ ନୋଡାଲ ସ୍କୁଲର ଅତିରିକ୍ତ ଶ୍ରେଣୀଗୃହ ଓ ବାଳିକାଙ୍କ ପାଇଁ ଉଦ୍ଦିଷ୍ଟ ସ୍ୱତନ୍ତ୍ର ଶୌଚାଳୟ, ରାଉତରାପୁର କମ୍ୟୁନିଟି ସାନୀଟାରି କମ୍ପ୍ଲେକ୍ସ, କୁମ୍ଭାର ସାହିରେ ଥିବା ଜଗନ୍ନାଥ ଜୀଉ ମନ୍ଦିରର କୋଠଘର ସହ କାଳିହୁଡ଼ା ମେଳଣମଣ୍ଡପକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ। ପଞ୍ଚାୟତ ବିଜେଡି ସଭାପତି ଅନିରୁଦ୍ଧ ପୃଷ୍ଟି, ସମିତିସଭ୍ୟ ପ୍ରିୟରଞ୍ଜନ ସାହୁ, ନାଏବ ସରପଞ୍ଚ ବୈକୁଣ୍ଠ ବରାଳ, ବ୍ରହ୍ମବରଦା ବିଜେଡି ସଭାପତି ରାକେଶ ଦେଓ, ପୂର୍ବତନ ସରପଞ୍ଚ କୈଳାସ ସାହୁ, ଶିକ୍ଷାବିତ ମାରୁତି ପୃଷ୍ଟି, ଯୁବନେତା ପ୍ରଭାକର ସାହୁ, ୱାର୍ଡସଭ୍ୟ ରାମଚନ୍ଦ୍ର ବେହେରା, ମନୋରମା ପୃଷ୍ଟି, ମନୋରଞ୍ଜନ ଜେନା ଓ ଯୁବନେତା ସୂର୍ଯ୍ୟମଣୀ ବେହେରାଙ୍କ ସହ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଡିସ୍‌କସ୍ ଥ୍ରୋ ଖେଳବେଳେ ଛାତ୍ରୀ ଗୁରୁତର

**ଝୁମ୍ପୁରୀ,୨୯ା୧୨(ସରୋଜ ନାୟକ):**

ଦଶରଥପୁର ବ୍ଲକ୍ ଅଧୀନ ସାଧୁ ଗୌଡ଼େଶ୍ୱର ମହାବିଦ୍ୟାଳୟ ପରିସରରେ ଚାଲିଥିବା କ୍ରୀଡ଼ା ଉତ୍ସବରେ ଭାଗ ନେଇଥିବା ଜଣେ କଲେଜ ଛାତ୍ରୀ ଶୁକ୍ରବାର ଖେଳ ସମୟରେ ଗୁରୁତର ହୋଇଛନ୍ତି। ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ସେ ହେଲେ ଯୁକ୍ତ ୨ ପ୍ରଥମ ବର୍ଷର କଳା ଛାତ୍ରୀ ନିବେଦିତା ବଳ। ତାଙ୍କ ଘର ଛଚିଣା ଗ୍ରାମରେ। କଲେଜରେ ଖେଳ ଚାଲିଥିବାବେଳେ ଡିସ୍‌କସ୍ ଥ୍ରୋରେ ଭାଗ ନେଇଥିବା ଜଣେ ପ୍ରତିଯୋଗୀ ବଲ୍ ଫିଙ୍ଗୁଥିବାବେଳେ ଅଚାନକ ବଲଟି ତାଙ୍କ ହାତରୁ ଖସିଯାଇ ଛାତ୍ରୀଙ୍କ ମୁଣ୍ଡରେ ବାଜିଥିଲା। ଫଳରେ ଛାତ୍ରୀଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। କଲେଜ କର୍ତ୍ତୃପକ୍ଷ ତାଙ୍କୁ ଉଦ୍ଧାର କରି ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅଧିକ ଚିକିତ୍ସା ପାଇଁ ଯାଜପୁର ଜିଲା ସଦରମହକୁମା ଚିକିତ୍ସାଳୟକୁ ପଠାଇ ଦିଆଯାଇଛି। ଖେଳ ସମୟରେ କଲେଜର ସମସ୍ତ ଅଧ୍ୟାପିକା, ଅଧ୍ୟାପିକ ସେଠାରେ ଉପସ୍ଥିତ ଥିଲେ। ହେଲେ ଖେଳର ନିୟମକୁ ଠିକ୍ ଢଙ୍ଗରେ କାର୍ଯ୍ୟକାରୀ କରାଯାଇ ନ ଥିବାରୁ ଏପରି ଦୁର୍ଘଟଣା ଘଟିଲା ବୋଲି ଛାତ୍ରୀଙ୍କ ପରିବାର ଲୋକେ କହିଛନ୍ତି।

# ଗୋପାଳଜୀଉ ମଠ ମହନ୍ତଙ୍କ ପରଲୋକ

**ଯାଜପୁର ସଦର,୨୯ା୧୨(ସମର ବିଜୟ ଶରଣ):** ଯାଜପୁର ବ୍ଲକ ମହେଶ୍ୱରପୁର ପଞ୍ଚାୟତର ଗୋପାଳ ଜୀଉ ମଠ ମହନ୍ତ ମହାରାଜ ପୁରୁଷୋତ୍ତମ ଦାସଙ୍କ ୯୮ବର୍ଷ ବୟସରେ ପରଲୋକ ହୋଇଯାଇଛି। ମହନ୍ତ ମହାରାଜ ଜମଧର ପଞ୍ଚାୟତର ମହାପୁର ଗ୍ରାମରେ ୧୯୨୫ରେ ଜନ୍ମଗ୍ରହଣ କରିଥିଲେ। ୧୧ ବର୍ଷ ବୟସରେ ବ୍ରହ୍ମଚାର୍ଯ୍ୟ ଦୀକ୍ଷା ଗ୍ରହଣ କରି ପୁରୁଷୋତ୍ତମପୁରସ୍ଥ ଗୋପାଳ ଜୀଉ ମଠରେ ଅଧିକାରୀ ଦାୟିତ୍ୱ ତୁଲାଇଥିଲେ। ତତ୍କାଳୀନ ମହନ୍ତ ମହାରାଜଙ୍କ ଦେହାନ୍ତ ପରେ ମଠ ମହନ୍ତ ମହାରାଜ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିଲେ। ମହନ୍ତ ମହାରାଜ ୫ବର୍ଷ ଧରି ଶଯ୍ୟାଶାୟୀ ଥିଲେ। ତାଙ୍କ ପରଲୋକ ଖବର ପ୍ରଚାରିତ ହେବା ପରେ ବିଭିନ୍ନ ମଠ ମନ୍ଦିର ମହନ୍ତଙ୍କ ସମେତ ମହେଶ୍ୱରପୁର ସରପଞ୍ଚ ସୁଜିତ ରାୟ, ଯୁବନେତା ଅମିତ ରାଉତ, ଗୌରାଙ୍ଗ ସାମଲ ଓ କିଶୋର ପାତ୍ରୀଙ୍କ ସମେତ ବହୁ ବ୍ୟକ୍ତି ମହାରାଜଙ୍କ ଶେଷଦର୍ଶନ କରିଥିଲେ। ମରଶରୀରକୁ ଶୋଭାଯାତ୍ରାରେ ଅଞ୍ଚଳ ପରିକ୍ରମା ପରେ ମଠ ପରିସରରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଗୋପାଳ ଜୀଉ ମଠର ପରିଚାଳନା କମିଟି ତରଫରୁ ସମସ୍ତ କାର୍ଯ୍ୟ ସମ୍ପାଦନ କରାଯାଇଥିଲା।

# ପାଇକ ଆଖଡ଼ା, ଆଧୁନିକ ନୃତ୍ୟ ମଜା ଉଠାଇଲେ ଦର୍ଶକ

**୧୬ତମ କୁଆଖିଆ ମହୋତ୍ସବର ଅଷ୍ଟମ ସନ୍ଧ୍ୟା**

**ରସୁଲପୁର,୨୯ା୧୨(ରଞ୍ଜିତ ରାଉତ):**

୧୬ତମ କୁଆଖିଆ ମହୋତ୍ସବର ଶୁକ୍ରବାର ଅଷ୍ଟମ ସନ୍ଧ୍ୟାରେ ଭିନ୍ନ ସ୍ୱାଦର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଦର୍ଶକମାନଙ୍କୁ ୨ କାର୍ଯ୍ୟକ୍ରମ ଭେଟି ଦେଇଛି ମଞ୍ଚ। ମଞ୍ଚରେ ପ୍ରଥମ ପର୍ଯ୍ୟାୟରେ ପାଇକ ଆଖଡା ପ୍ରଦର୍ଶିତ ହୋଇଥିଲା। ଖୋର୍ଦ୍ଧା ଜିଲା ପାଇକ ସଂପ୍ରଦାୟକୁ ନେଇ ଅନେକ ଖ୍ୟାତି ରହିଛି। ଏହି ଅଞ୍ଚଳର ପ୍ରମୁଖ କଳା ଭାବରେ ପାଇଖ ଆଖଡାକୁ ମାନ୍ୟତା ମିଳିଛି। ଏହି ଅନୁଷ୍ଠାନର କଳାକାରମାନେ ୧୫ ବର୍ଷ ଧରି ରାଜ୍ୟର ବିଭିନ୍ନ ମହୋତ୍ସବରେ ଆଖଡା ପ୍ରଦର୍ଶନ କରୁଛନ୍ତି ବୋଲି ଚିଲିକା ସ୍ଥିତ ରାଣୀ ପାଇକ ପ୍ରତିଷ୍ଠାନର ସତ୍ତ୍ୱାଧିକାରୀ ବିଜୟ କୁମାର ବେହେରା ସୂଚନା ଦେଇଛନ୍ତି। ଏହି ଅନୁଷ୍ଠାନର କଳାକାର ଖଣ୍ଡା, ଢାଲ, ବର୍ଚ୍ଛା ଆଦି ଚାଳନା କରିବା ସହ ଅଗ୍ନିରେ ଖେଳିବାଠାରୁ ଆରମ୍ଭ କରି ବହୁ ଦୁଃଶାହାସିକ କ୍ରୀଡ଼ା କୌଶଳ ପ୍ରଦର୍ଶନ କରିଥିଲେ। ପାଇକମାନଙ୍କର ଅଙ୍ଗଭଙ୍ଗୀ ଓ ଅସ୍ତ୍ରସସ୍ତ୍ର ଚାଳନା ଅତ୍ୟନ୍ତ ଆକର୍ଷଣୀୟ ହୋଇପାରିଥିଲା। ଆଖଡ଼ା ଦଳର ପ୍ରଦର୍ଶନରେ ଦର୍ଶକମାନେ ଖୁସିବ୍ୟକ୍ତ କରିବା ସହ ମହୋତ୍ସବ କମିଟି ଦ୍ୱାରା ପ୍ରଶଂସିତ ହୋଇଥିଲେ। ପରେ ଯାଜପୁର ଜିଲାର ପ୍ରତିଷ୍ଠିତ ଡ୍ୟାନ୍ସ ପ୍ରତିଷ୍ଠାନ ମହାବୀର ମଡର୍ନ ଡ୍ୟାନ୍ସ ଗ୍ରୁପ୍‌ର କଳାକାରମାନେ ସେମାନଙ୍କ ନୃତ୍ୟର ପାରଦର୍ଶିତା ପ୍ରଦର୍ଶନ କରିଥିଲେ। ଅନୁଷ୍ଠାନର ମୁଖ୍ୟ ଆଲୋକ ସାହୁଙ୍କ ମତରେ ତାଙ୍କ ଗ୍ରୁପ୍‌ର କଳାକାରମାନେ କେବଳ ଆଧୁନିକ ନୁହେଁ, ପାରମ୍ପାରିକ ନୃତ୍ୟ, ଦର୍ଶକ ଅଧିକ ପସନ୍ଦ କରୁଥିବା ନାଚଗୀତ ଉପରେ ଗୁରୁତ୍ୱ ଦେଇ କଳା ପରିବେଶଣ କରିଥାଆନ୍ତି। ଶ୍ରଦ୍ଧାଳୁମାନେ ଲକ୍ଷ୍ମୀ ନାରାୟଣଙ୍କ ନିକଟରେ ମୁଣ୍ଡିଆମାରି ମହୋତ୍ସବ ପଡିଆରେ ଭ୍ରମଣକରିବା ସହ ଗୁପ୍ ଚାଟ୍‌ର ମଜା ନେବା ସାଙ୍ଗକୁ ଦୋଳିର ମଜା ଉଠାଇବେ। ଶେଷକୁ ମହୋତ୍ସବ ମଞ୍ଚରେ କଳାକାରମାନଙ୍କ ନୃତ୍ୟଗୀତକୁ ଉପଭୋଗ କରି ଘରକୁ ଫେରିବେ ବୋଲି କହିଥିଲେ। ପୂଜା ଓ ମହୋତ୍ସବ ଶେଷ ହେବାର ଅବଧି ଯେତେ ପାଖେଇ ଆସୁଛି ମହୋତ୍ସବ ପଡ଼ିଆରେ ଦର୍ଶକମାନଙ୍କର ଭିଡ ସେତେ ଅଧିକ ପରିଲକ୍ଷିତ ହେଉଛି। ମହୋତ୍ସବ କମିଟି ସଭାପତି ରାଜେଶ ସାହୁ, ସମ୍ପାଦକ ଅରୁଣ ରାଉତ, ମହାସଚିବ ଅରୁଣ ସାହୁ, ସାଂସ୍କୃତିକ ସମ୍ପାଦକ ଉମେଶ ନାୟକ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



ମହୋତ୍ସବରେ ପାଇକ ଆଖଡ଼ା କଳା ପ୍ରଦର୍ଶନ କରାଯାଉଛି।

## ସଂକ୍ଷେପରେ

### ଗଛରେ ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

ରାଜନଗର, ୨୯।୧୨ (ଭାସ୍କର ରାଉତରାୟ)

ରାଜନଗର ଥାନା ଅନ୍ତର୍ଗତ ସାନବଡ଼ ଗୋପାଳପୁର ପଞ୍ଚାୟତ ଜଗନ୍ନାଥପୁର ଗାଁର ଚକ୍ରଧର ଖଟୁଆ (୪୮) ତ୍ରିନାଥବଜାରସ୍ଥିତ ବିଜୁ ପଟ୍ଟନାୟକ ପ୍ରମୋଦ ଉଦ୍ୟାନ ନିକଟ ରାସ୍ତା କଡ଼ରେ ଥିବା ଏକ ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଶୁକ୍ରବାର ଭୋରୁ ତଣ୍ଡିଆପାଳ ଯାଉଥିବା ମାଛ ବେପାରୀମାନେ ପ୍ରଥମେ ଚକ୍ରଧରଙ୍କୁ ଗଛରେ ଝୁଲୁଥିବା ଦେଖିଥିଲେ। ଏହି ଖବର ଜଣାପଡିବା ପରେ ସେଠାରେ ଲୋକମାନେ ରୁଣ୍ଡ ହେବାରୁ ରାସ୍ତାରେ ଯାତାୟାତ ବନ୍ଦ ହୋଇଯାଇଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ସହ ରାସ୍ତାରୁ ଲୋକମାନଙ୍କୁ ହଟାଇ ଯାନବାହାନ ଚଳାଚଳ ସ୍ୱାଭାବିକ କରିଥିଲେ। ଚକ୍ରଧର ୫ ବର୍ଷ ହେବ ପ୍ରଦ୍ୟୁମ୍ନ ସାହୁଙ୍କ କୁକୁଡା ଡେଲିଭରି ଗାଡି ଚଳାଉଥିଲେ। ଗୁରୁବାର ମଧ୍ୟ ସେ କୁକୁଡା ଗାଡି ନେଇ ବାବର, ସାହାବାଜପୁର ଓ ରାଜନଗରରେ ଦେଇ ସାରିବା ପରେ ହେଲପରକୁ ଓହ୍ଲାଇ ଦେଇ ରାତିରେ ଏକା ହାତିନାକୁ କୁକୁଡା ଦେବାକୁ ଯାଇଥିଲେ। ସେଠାରୁ ଫେରି ରାତି ସାଢେ ୨ଟାରେ ଗାଡି ମାଲିକ ପ୍ରଦ୍ୟୁମ୍ନଙ୍କୁ ଚକ୍ରଧର ଫୋନ୍ କରି ପଇସାପତ୍ର ହିସାବ କରି କମିଟି ପଇସା ଓ ପିଲାଙ୍କୁ ଦରମା ପଇସା ଦେଇ ଦେବ, ଯାହା ଭୁଲ କରିଥିବି କ୍ଷମା କରିଦେବ, ତୁମ ଗାଡି ରହିଲା ନେଇଯିବ କହି ଫୋନ କାଟି ଦେଇଥିଲେ। ପ୍ରଦ୍ୟୁମ୍ନ ଏହା ପରେ ଫୋନ୍ କରିଥିଲେ ମଧ୍ୟ ଫୋନ ସୁଇଚ ଅଫ୍ ଥିଲା ଓ ହେଲପର ଫୋନ ଉଠାଇ ନ ଥିଲା। ଶୁକ୍ରବାର ସକାଳୁ ଚକ୍ରଧରଙ୍କ ମୃତ୍ୟୁ ଖବର ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଛି। ତାଙ୍କର ଘରେ ପତ୍ନୀଙ୍କ ସମେତ ୫ଜଣ ଝିଅ ଅଛନ୍ତି। ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ଗହୀରମଥାରୁ ୨ ଟ୍ରଲର ଜବତ, ୧୮ ମତ୍ସ୍ୟଜୀବୀ ଗିରଫ

ରାଜନଗର, ୨୯।୧୨ (ଭାସ୍କର ରାଉତରାୟ)

ଅଲିଭରିଡଲେ କଇଁଛଙ୍କ ଅନ୍ତୁଡିଶାଳ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ବେଆଇନ ଭାବେ ମାଛ ମାରୁଥିବା ବେଳେ ବନ ବିଭାଗ ପାଟ୍ରୋଲିଂ ଟିମ ୨ଟି ଟ୍ରଲର ଜବତ କରିବା ସହିତ ୧୮ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଅଭୟାରଣ୍ୟର ନିଷିଦ୍ଧାଞ୍ଚଳରେ ବେଆଇନ ଭାବେ ମାଛ ମାରୁଥିବା ମା’ ସୋନାଲି-୧ ଏବଂ ମା’ ଶୀତଳା-୩୪ ନାମକ ୨ଟି ଟ୍ରଲରକୁ ବନ ବିଭାଗ ପାଟ୍ରୋଲିଂ ଟିମ ଜବତ କରିଛି। ଜବତ ଟ୍ରଲରରୁ ୨ ଭିଏଚଏଫ, ୨ ଜିପିଏସ, ଗୋଟିଏ ଫିସ୍ ଫାଇଣ୍ଡର, ୪ଟି ଟ୍ରଲିଂ ନେଟ ଓ ୧୦ କୁଇଣ୍ଟାଲ ୫ କେଜି ମାଛ ଜବତ କରାଯାଇଥିବା ବନ ବିଭାଗ ସୂତ୍ରରୁ ପ୍ରକାଶ।

### ବିକଶିତ ଭାରତ ସଂକଳ୍ପ ଯାତ୍ରାକୁ ବିରୋଧ

ଆଳି ବିଡିଓଙ୍କୁ ଭାଜପା ପକ୍ଷରୁ ସ୍ମାରକପତ୍ର

ଆଳି, ୨୯।୧୨ (ବନମାଳୀ ସେନାପତି)

କେନ୍ଦ୍ର ସରକାରଙ୍କ ପ୍ରାୟୋଜିତ କାର୍ଯ୍ୟକ୍ରମ ବିକଶିତ ଭାରତ ସଂକଳ୍ପ ଯାତ୍ରା ଆଳି ବ୍ଲକ ଅରେହିକଣା ପଞ୍ଚାୟତରେ ଚାଲିଥିବା ବେଳେ କେତେଜଣ ଅସାମାଜିକ ବ୍ୟକ୍ତି ଉକ୍ତ କାର୍ଯ୍ୟକ୍ରମକୁ ବିରୋଧ କରି ଥିବା ପ୍ରତିବାଦରେ ଆଳି ଭାଜପା ପକ୍ଷରୁ ବିଡିଓଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। କେନ୍ଦ୍ର ସରକାରଙ୍କ ଜନକଲ୍ୟାଣ ଯୋଜନାଗୁଡ଼ିକୁ ସାଧାରଣରେ ଅବଗତ ପାଇଁ ଆରମ୍ଭ ହୋଇଛି ବିକଶିତ ଭାରତ ସଂକଳ୍ପ ଯାତ୍ରା। ଏହି କାର୍ଯ୍ୟକ୍ରମ ୨୬ ତାରିଖରୁ ଆଳି ବ୍ଲକ ଅନ୍ତର୍ଗତ ଅରେହିକଣା ପଞ୍ଚାୟତରେ ଚାଲିଥିବା ବେଳେ କେତେଜଣ ଲୋକ ଗଣ୍ଡଗୋଳ କରିବା ସହ ଦାୟିତ୍ୱରେ ଥିବା ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ସହିତ ମାର୍‌ପିଟ କରିବାରୁ ୩ ଦିନ ଧରି କାର୍ଯ୍ୟକ୍ରମ ବନ୍ଦ ରହିଛି। କାର୍ଯ୍ୟକ୍ରମକୁ ତୁରନ୍ତ ଆରମ୍ଭ କରିବା ସହ ଅଭିଯୁକ୍ତମାନଙ୍କ ବିରୋଧରେ ଆଇନ ଅନୁସାରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବ୍ଲକ ପ୍ରଶାସନ ପଦକ୍ଷେପ ନେବା ଦାବି କରି ଆଳି ଭାଜପାର ଏକ ପ୍ରତିନିଧି ଦଳ ନେତା ବ୍ରଜ ସୁନ୍ଦର ଭୂୟାଁଙ୍କ ନେତୃତ୍ୱରେ ବିଡିଓଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଉକ୍ତ ପ୍ରତିନିଧି ମଣ୍ଡଳୀରେ ଜିଲା ସାଧାରଣ ସମ୍ପାଦକ ଶଶାଙ୍କ ଶେଖର ସେଠୀ, ପତ୍ରପୁର ମଣ୍ଡଳ ସଭାପତି ତଥା ସରପଞ୍ଚ ଅକ୍ଷୟ ଦାସ, ଜିଲା ଯୁବମୋର୍ଚ୍ଚା ସମ୍ପାଦକ ବରାହ ପଣ୍ଡା, କୃଷକ ମୋର୍ଚ୍ଚା ରାଜ୍ୟ ସଂଯୋଜକ ଅନନ୍ତ ରଥ, ଜିଲା କୃଷକ ମୋର୍ଚ୍ଚା ସମ୍ପାଦକ ସୁବାସ ପାତ୍ର, ନେତା କ୍ଷୀରୋଦ ପଣ୍ଡା, ପୂର୍ବତନ ସରପଞ୍ଚ ଭୂପତି ସେଠୀ ପ୍ରମୁଖ ସାମିଲ ଥିଲେ।

# ନୃତ୍ୟଗୀତରେ ଦର୍ଶକ ବିଭୋର



ମହୋତ୍ସବରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ଡେରାବିଶ, ୨୯।୧୨ (ବେବର୍ତ୍ତା ଅଜୟ ଦାସ)

**ଡେରାବିଶ ମହୋତ୍ସବର ସପ୍ତମ ସନ୍ଧ୍ୟା**

ସଦ୍‌ଭାବନା ସୃଷ୍ଟି କରିବାରେ ଡେରାବିଶ ମହୋତ୍ସବ ସହାୟକ ହୋଇଛି ବୋଲି ରାଜ୍ୟ ଉଠା ଜଳସେଚନ ନିଗମ ଅଧ୍ୟକ୍ଷ ଅମରେଶ ପତ୍ରୀ କହିଛନ୍ତି। କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଅଧୀନ ଗୋଲରାହାଟସ୍ଥିତ ମିନି ଷ୍ଟାଡ଼ିୟମଠାରେ ୨୩ତାରିଖଠାରୁ ଚାଲିଥିବା ଦ୍ୱାଦଶ ଡେରାବିଶ ମହୋତ୍ସବର ଶୁକ୍ରବାର ଥିଲା ସପ୍ତମ ସନ୍ଧ୍ୟା। କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ଓ ଡେରାବିଶ ସାଂସ୍କୃତିକ ସଙ୍ଗଠନ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ମହୋତ୍ସବରେ ଭୁବନେଶ୍ୱରର ଅକ୍ରେଷ୍ଟା ଡାଇନାମିକ୍ ଓ ଗୋକୁଳ ଚନ୍ଦ୍ର ସଙ୍ଗୀତ ସଦନର କଳାକାରଙ୍କ ଦ୍ୱାରା ଅନୁଷ୍ଠିତ ନୃତ୍ୟଗୀତ ଭରପୁର ଦର୍ଶକଙ୍କୁ ବିଭୋର କରିଥିଲା। ଏହି ଅବସରରେ ସଙ୍ଗଠନର ବରିଷ୍ଠ କର୍ମକର୍ତ୍ତା ଅଧ୍ୟାପକ ପ୍ରଭାକର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାରସ୍ୱତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶା ଉଠା ଜଳସେଚନ ନିଗମର ଅଧ୍ୟକ୍ଷ ପତ୍ରୀ ଉପରୋକ୍ତ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ କେନ୍ଦ୍ରାପଡ଼ା ଉପଜିଲାପାଳ ଯୋଗଦେଇ ଦୀର୍ଘ ୧୨ବର୍ଷ ଧରି ଡେରାବିଶ ସମେତ କେନ୍ଦ୍ରାପଡ଼ା ଜିଲା ମାଟିର ପ୍ରାଚୀନ ସଂସ୍କୃତି ଓ ଐତିହ୍ୟକୁ ପୁନଃଜୀବିତ କରିବା ପାଇଁ ମହୋତ୍ସବ କମିଟି ଯେଉଁ ଉଦ୍ୟମ ଆରମ୍ଭ କରିଛି ତାହା ଐତିହାସିକ ବୋଲି ଉଲ୍ଲେଖ କରିଥିଲେ। ସମ୍ମାନିତ ଅତିଥି ଭାବେ କେନ୍ଦ୍ରାପଡ଼ା ପଲିଟେକ୍‌ନିକ୍ କଲେଜର ଅଧ୍ୟକ୍ଷ ଡ. ଗୁଣନିଧି ପ୍ରଧାନ, ଡେରାବିଶ କଲେଜ ଅଧ୍ୟକ୍ଷ ପ୍ରାଧ୍ୟାପକ ଚନ୍ଦ୍ର ଶେଖର ନାୟକ, କଳିଙ୍ଗ ଆବାସିକ ବିଦ୍ୟାଳୟର ପ୍ରତିଷ୍ଠାତା ମନୋଜ କୁମାର ପ୍ରଧାନ ଯୋଗଦେଇ କେନ୍ଦ୍ରାପଡ଼ା ଓ ଡେରାବିଶର ଐତିହ୍ୟ ଏବଂ ସଂସ୍କୃତି ଉପରେ ଆଲୋକପାତ କରିଥିଲେ। ଡେରାବିଶ ମହୋତ୍ସବ ସଂସ୍କୃତିକୁ ପୁନଃଜୀବିତ କରିବାକୁ ସହାୟକ ହୋଇଛି। ଶିକ୍ଷାବିତ୍ ଈଶ୍ୱର ଚନ୍ଦ୍ର ପୃଷ୍ଟି ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ପ୍ରଭାକର ଲେଙ୍କା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ରାଜକିଶୋର ମଲ୍ଲ, ତ୍ରିଲୋଚନ ରାଉତ, ଗୌରାଙ୍ଗ ଚରଣ ସାହୁ, ଅନୁପ କୁମାର ରାଉତ ଓ ଲକ୍ଷ୍ମୀକାନ୍ତ ଜେନା ପ୍ରମୁଖ ପରିଚାଳନା କରିଥିଲେ।

# ଭିନ୍ନକ୍ଷମଙ୍କୁ ହୀନଦୃଷ୍ଟିରେ ଦେଖନାହିଁ

ପଟ୍ଟାମୁଣ୍ଡାଇ, ୨୯।୧୨ (କଳ୍ପତରୁ ନାୟକ)

**ମଣ୍ଡଳସ୍ତରୀୟ ଭିନ୍ନକ୍ଷମ କ୍ରୀଡା ଉତ୍ସବ**


ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନ ଅନ୍ତର୍ଭୁକ୍ତ ଶିକ୍ଷାକେନ୍ଦ୍ର ପକ୍ଷରୁ କଷଣଅଣ୍ଟା ପଞ୍ଚାୟତ ଉଚ୍ଚବିଦ୍ୟାଳୟଠାରେ ଦୁଇ ଦିନିଆ ଆୟୋଜିତ ମଣ୍ଡଳସ୍ତରୀୟ ଭିନ୍ନକ୍ଷମ କ୍ରୀଡା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚିତ୍ରାଙ୍କନ, ସଙ୍ଗୀତ, ଆଳୁ ଚାମଚ ଦୌଡ, ଦୌଡ଼ି ଡିଆଁ, ମ୍ୟୁଜିକ୍ ଚେୟାର ଆଦି ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଅଧ୍ୟୟନରତ ଭିନ୍ନକ୍ଷମ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବ୍ଲକ ରିସୋର୍ସ କର୍ମୀ ବ୍ରଜ କିଶୋର ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ପଟ୍ଟାମୁଣ୍ଡାଇ ବିଇଓ ହରିହର ଦଳାଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ସଚ୍ଚିତ୍ର କୁମାର ବେହୁରା, ମୁଖ୍ୟବକ୍ତା କଥାକାର ପ୍ରଦୀପ ନାୟକ, ବିଆର୍‌ସିସି ଚନ୍ଦ୍ରଶେଖର ତ୍ରିପାଠୀ, ସୁନୀତି ଦାଶ ଯୋଗଦେଇ ଭିନ୍ନକ୍ଷମଙ୍କୁ ହୀନ ଦୃଷ୍ଟିରେ ନ ଦେଖି ସେମାନଙ୍କୁ ସହଯୋଗର ହାତ ବଢ଼ାଇ ମୁଖ୍ୟସ୍ରୋତରେ ସାମିଲ କରିବା ଆମ ସମସ୍ତଙ୍କର ଦାୟିତ୍ୱ ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷା କ୍ଷେତ୍ରରେ ହେଉ ଅବା କ୍ରୀଡା କ୍ଷେତ୍ରରେ ବିଶେଷକରି ସ୍ୱତନ୍ତ୍ର ଅଲିମ୍ପିକ ଓ ପାରା ଅଲିମ୍ପିକ ପ୍ରତିଯୋଗିତାରେ ଭାରତ ଓ ଓଡ଼ିଶାର ବହୁ ଭିନ୍ନକ୍ଷମ ସେମାନଙ୍କ ପାରଦର୍ଶିତା ପ୍ରଦର୍ଶନ କରି ଦେଶ ପାଇଁ ଗୌରବ ଆଣିଛନ୍ତି। ତେଣୁ ଭିନ୍ନକ୍ଷମଙ୍କୁ କୌଣସି ଗୁଣରେ କମ୍ ଭାବିବା ଆଦୌ ଉଚିତ ନୁହେଁ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ସୁରେଶ ଚନ୍ଦ୍ର ଜେନା, ନାରାୟଣ ପ୍ରସାଦ ରାଉଳ, ସାଧନ କର୍ମୀ ମଳୟ କୁମାର ଜେନା, ସଞ୍ଜୟ ସାହୁ ଓ ସମସ୍ତ ସାଧନ କର୍ମୀ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଥିଲେ। ଜୁଲାଦିନ୍ ସେଠୀ, ଜିତେନ୍ଦ୍ର ପ୍ରସାଦ ସାହୁ, ଜିତେନ୍ଦ୍ର କୁମାର ବେହେରା, ହରେକୃଷ୍ଣ ସାହୁ, ବିଧାନ ଚନ୍ଦ୍ର ଦାଶ, ସରତ କୁମାର ସେଠୀ, ଉମେଶ କୁମାର ଷଣ୍ଢ, ସରୋଜ ଲକ୍ଷ୍ମୀ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଅରୁଣ କୁମାର ପରିଡା ଧନ୍ୟବାଦ ଦେଇଥିଲେ।

# ନିଜର ଦକ୍ଷତାର ବିକାଶ ପାଇଁ କ୍ରୀଡ଼ା ଅବିଚ୍ଛେଦ୍ୟ ଅଙ୍ଗ


ଟ୍ରଫି ସହ ବିଜୟୀ ଦଳର ଖେଳାଳି ଏବଂ ଅନ୍ୟମାନେ।

ଡେରାବିଶ, ୨୯।୧୨ (ବେବର୍ତ୍ତା ଅଜୟ ଦାସ)

**ଡେରାବିଶ ବ୍ଲକ ସ୍ତରୀୟ କ୍ରୀଡ଼ା ଉତ୍ସବ**

ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ମାଧ୍ୟମରେ ଡେରାବିଶ ବ୍ଲକସ୍ତରୀୟ କ୍ରୀଡ଼ା ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ୨୨ ତାରିଖରୁ ଆରମ୍ଭ ହୋଇଥିବା ବ୍ଲକସ୍ତରୀୟ କ୍ରୀଡ଼ା ଉତ୍ସବ ସ୍ଥାନୀୟ ରଘୁଦେଇପୁର ପଞ୍ଚାୟତ ଖେଳ ପଡ଼ିଆରେ ଶେଷ ହୋଇଛି। ଏଥିରେ ବ୍ଲକ ଅଞ୍ଚଳର ବିଭିନ୍ନ ପଞ୍ଚାୟତର ଖେଳାଳିଙ୍କ ମଧ୍ୟରେ ଫୁଟବଲ୍, ଭଲିବଲ୍, କ୍ରିକେଟ୍, କବାଡ଼ି ଓ ଖୋ ଖୋ ପ୍ରତିଯୋଗିତା ହୋଇଥିଲା। ବ୍ଲକ ସମାଜ ମଙ୍ଗଳ ଅଧିକାରୀ ରଶ୍ମୀ ଦେବୀଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ କେନ୍ଦ୍ରାପଡ଼ା ଜିଲା ପରିଷଦ ସଭାପତି ଗୀତାଞ୍ଜଳି ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ନିଜର ଦକ୍ଷତା ବିକାଶ ପାଇଁ କ୍ରୀଡ଼ା ଏକ ଅବିଚ୍ଛେଦ୍ୟ ଅଙ୍ଗ ବୋଲି ମୁଖ୍ୟ ଅତିଥି ସେଠୀ କହିଥିଲେ। ମୁଖ୍ୟବକ୍ତା ଭାବେ ଡେରାବିଶ ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ବିଡିଓ ଦାଶରଥି ଜେନା ଯୋଗଦେଇ ରାଜ୍ୟରେ ୩ ବର୍ଷ ମଧ୍ୟରେ ୩ ଲକ୍ଷ ଯୁବକ ଏହି ପ୍ରତିଯୋଗିତାରେ ଭାଗ ନେଇ ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ ଖେଳିବା ପାଇଁ ପ୍ରସ୍ତୁତ ହେଉଥିବା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟ ଧନେଶ୍ୱର ସେଠୀ, ଅରବିନ୍ଦ ମଲିକ, ରଘୁଦେଇପୁର ସରପଞ୍ଚ ଭକ୍ତିଲତା ନାୟକ, ସମିତିସଭ୍ୟା ମୋନାଲିସା ମଲିକ, ଡେରାବିଶ ଥାନା ଏସ୍‌ଆଇ ରମେଶ ଚନ୍ଦ୍ର ସେଠୀ ଅତିଥି ଭାବେ ଯୋଗଦେଇଥିଲେ। ବ୍ଲକ ସାମାଜିକ ସୁରକ୍ଷା ସହକାରୀ ଅଧିକାରୀ ଚୌଧୁରୀ ଦୀପକ କୁମାର କ୍ରୀଡ଼ା ଉତ୍ସବ ସମ୍ପର୍କରେ ସୂଚନା ଦେଇଥିବା ବେଳେ ବ୍ଲକ ପ୍ରକଳ୍ପ ସଂଯୋଜକ ଦେବେଶ କୁମାର ବେହେରା ଧନ୍ୟବାଦ ଦେଇଥିଲେ। ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ପ୍ରତିଯୋଗୀ ଦଳଙ୍କୁ ଚାମ୍ପିୟନ ଓ ରନର୍ସ ଟ୍ରଫି ସହ ଖେଳାଳିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ଶ୍ରୀବଳଦେବଜୀଉ ମନ୍ଦିରରେ ମୋବାଇଲ, କ୍ୟାମେରା ବନ୍ଦ ଦାବି

କେନ୍ଦ୍ରାପଡ଼ା, ୨୯।୧୨ (ଜଗନ୍ନାଥ ଧଳ)

ଇଚ୍ଛାପୁରସ୍ଥ ଶ୍ରୀବଳଦେବଜୀଉ ମନ୍ଦିରରେ ମୋବାଇଲ ଓ କ୍ୟାମେରା ବନ୍ଦ ହେବ। ବଳଦେବ ସେନା ପୁଣି ଥରେ ଏହି ଦାବି କରିଛି। ଏ ସମ୍ପର୍କରେ ସେନାର ଦାବିପତ୍ର ଶ୍ରୀବଳଦେବଜୀଉ ଦେବୋତର ବିଭାଗ ଟ୍ରଷ୍ଟ ଅଧ୍ୟକ୍ଷ ତଥା ଉପଜିଲାପାଳ ରବୀନ୍ଦ୍ର କୁମାର ପ୍ରଧାନଙ୍କୁ ଶୁକ୍ରବାର ଦିଆଯାଇଛି। ସେନାର ସଭାପତି ପପୁନ କୁମାର ସ୍ୱାଇଁ କହିଛନ୍ତି, ଶ୍ରୀଜୀଉ ହିନ୍ଦୁ ସଂସ୍କୃତି ଓ ଆସ୍ଥାର ପ୍ରତୀକ। ଏହି ମନ୍ଦିରରେ ଅବାଧ ଭାବେ କ୍ୟାମେରା ଓ ମୋବାଇଲ ବ୍ୟବହାର ହେଉଛି। ଏପରିକି କେତେଜଣ ବ୍ୟକ୍ତି ଶ୍ରୀଜୀଉଙ୍କ ଗୁପ୍ତ ନୀତିର ଚିତ୍ର ଉତ୍ତୋଳନ କରୁଛନ୍ତି। ଏଥିସହ ସାମ୍ପ୍ରତିକ ସମୟରେ ସାମାଜିକ ଗଣମାଧ୍ୟମରେ କେତେଜଣ ବ୍ୟକ୍ତିଙ୍କ ମନ୍ଦିର ପରିସରରେ ଆପତ୍ତିଜନକ ଭିଡିଓ ଭାଇରାଲ ହେଉଛି। ଏଥିପାଇଁ ମନ୍ଦିର ବାହାରେ କ୍ୟାମେରା, ବ୍ୟାଗ, ହେଲମେଟ ଆଦି ରକ୍ଷଣାବେକ୍ଷଣ ପାଇଁ ଲକରର ବ୍ୟବସ୍ଥା ଆବଶ୍ୟକ। ପୋଲିସ ଦ୍ୱାରା ପ୍ରବେଶ ସମୟରେ ଯାଞ୍ଚ ବ୍ୟବସ୍ଥା, ଅଧିକ ପୋଲିସ କର୍ମଚାରୀ ନିୟୋଜିତ କରିବା, ବିଭିନ୍ନ କଟକଣାକୁ ସର୍ବସାଧାରଣରେ ଦେଖିବା ପରି ସ୍ଥାନରେ ନୋଟିସ ବୋର୍ଡ ରଖିବା, କଟକଣାକୁ ମାନୁ ନ ଥିବା ବ୍ୟକ୍ତିଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରି ବିଭିନ୍ନ ସମୟରେ ପ୍ରଶାସନିକ ଅଧିକାରୀଙ୍କୁ ପୂର୍ବରୁ ସ୍ମାରକପତ୍ର ଦିଆଯାଇଥିଲା। ଏହି ଦାବି ଅଦ୍ୟାବଧି ପୂରଣ ହୋଇ ନ ଥିବା ସଭାପତି ସ୍ୱାଇଁ ପ୍ରକାଶ କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ବଳଦେବ ସେନାର କର୍ମକର୍ତ୍ତା ନିରଞ୍ଜନ ମେକାପ, ଜ୍ୟୋତିରଞ୍ଜନ ପତ୍ରୀ, ଆଶୁତୋଷ ପଣ୍ଡା, ହିମାଂଶୁ ରାଉତ, ଉମାକାନ୍ତ ବେହେରା, ନୀଳମାଧବ ବେହେରା, ଆଲୋକ ସାହୁ ପ୍ରମୁଖ ସାମିଲ ହୋଇଥିଲେ।

ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଅର୍ପିତା


@ ମୋନାଲିସା


@ ରଶ୍ମିରଞ୍ଜନ


@ ନରେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

### ବଳିତର ସେତୁ ଭିତ୍ତିପ୍ରସ୍ତର ସ୍ଥାପନ




ରାଜକନିକା, ୨୯।୧୨ (ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକର ବହୁ ପ୍ରତୀକ୍ଷିତ ଖରସ୍ରୋତା ନଦୀ ପାରିନୂଆପଡ଼ାଠାରେ ଥିବା ବଳିତର ଘାଟଠାରେ ସେତୁ ନିର୍ମାଣ ପାଇଁ ରାଜ୍ୟ ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଓ ଶକ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେବ ମିଳିତ ଭାବେ ଶୁଭ ଭିତ୍ତିପ୍ରସ୍ତର ସ୍ଥାପନା କରିଛନ୍ତି। ଏହାଦ୍ୱାରା ଆଳି ଓ ରାଜକନିକାବାସୀଙ୍କ ଯାତାୟାତ ନିମନ୍ତେ ସୁବିଧା ହେବା ସହ ବ୍ୟବସାୟିକ କ୍ଷେତ୍ରରେ ଏହି ସେତୁ ୩ଟି ଜିଲା ସହ ସମ୍ପର୍କ ସ୍ଥାପନ ରକ୍ଷା କରିବାର ସହାୟକ ହେବ। ଏହାବାଦ୍ ଭଦ୍ରକ ଜିଲା ଆରଡ଼ିଧାମର ପ୍ରସିଦ୍ଧ ଶୈବପୀଠ ବାବା ଆଖଣ୍ଡଳମଣିଙ୍କ ପାଖକୁ ଯାତାୟାତ ପାଇଁ କେନ୍ଦ୍ରାପଡ଼ା ଜିଲା ପଟୁ ଅତ୍ୟନ୍ତ ସୁବିଧା ହେବ ବୋଲି ମନ୍ତ୍ରୀ ଦେବ କହିଥିଲେ। ବ୍ଲକର ୨୯ଟି ପଞ୍ଚାୟତର ଜନସାଧାରଣଙ୍କର ଦୀର୍ଘ ୫ ଦଶନ୍ଧି ଧରି ଥିବା ଦାବି ପୂରଣ ହୋଇଛି। ସେତୁ ପାଇଁ ୧୧୪ କୋଟି ୭୫ ଲକ୍ଷ ଟଙ୍କା ଖର୍ଚ୍ଚ ଅଟକଳ ରହିଥିବା ବେଳେ, ସେତୁର କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହୋଇ ୩୫ ମାସ ମଧ୍ୟରେ ଶେଷ ହେବ ବୋଲି ଆଳିର ବିଧାୟକ ତଥା ମନ୍ତ୍ରୀ ଦେବ ସୂଚନା ଦେଇଛନ୍ତି।

### ଅଗ୍ନିକାଣ୍ଡରେ ୨ ବଖରା ଜଳିଗଲା

ଆଳି, ୨୯।୧୨ (ବନମାଳୀ ସେନାପତି)

ଆଳି ଥାନା ଅନ୍ତର୍ଗତ ନରେନ୍ଦ୍ରପୁର ପଞ୍ଚାୟତ କଅଁରପୁର ଗାଁରେ ଗୁରୁବାର ରାତିରେ ନିଆଁ ଲାଗି ଗୋଟିଏ ପରିବାରର ୨ ବଖରା ସମ୍ପୂର୍ଣ୍ଣ ଜଳି ଯାଇଛି। ଗ୍ରାମର ସଦାନନ୍ଦ ଭୂୟାଁଙ୍କ ପରିବାର ଲୋକ ସବୁଦିନ ପରି ରାତିରେ ଖାଇ ପିଇ ଶୋଇଥିଲେ। ରାତି ପ୍ରାୟ ୧ଟାରେ ଘରେ ନିଆଁ ଲାଗି ଯାଇଥିଲା। ପରିବାର ଲୋକ ଗ୍ରାମବାସୀଙ୍କ ସହାୟତାରେ ନିଆଁ ଲିଭାଇବା ସହ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ପରିବାର ଲୋକଙ୍କ ପିନ୍ଧା ବସ୍ତ୍ର ବ୍ୟତୀତ ଅନ୍ୟ କିଛି ଉଦ୍ଧାର କରି ପାରିନାହାନ୍ତି। ଏଥିରେ ଘରର ଆସବାବପତ୍ର ପୋଡିଯାଇଛି। ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର


ଶିବିରରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

ମାର୍ଶାଘାଇ, ୨୯।୧୨ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ବ୍ଲକ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାମଲ ଏହାକୁ ଉଦ୍‌ଘାଟନ କରିଥିବା ବେଳେ ବିଡିଓ ରଶ୍ମିରେଖା ମଲ୍ଲିକ, ଜିଲା ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ରୁପାଲୀ ପ୍ରିୟଦର୍ଶିନୀ ଉପସ୍ଥିତ ଥିଲେ। ଶିବିରରେ ଅସ୍ଥିଶଲ୍ୟ, ମାନସିକ ଅନଗ୍ରସର, ଦୃଷ୍ଟି ବାଧିତ, ଶ୍ରବଣ ବାଧିତ ବିଶେଷଜ୍ଞମାନେ ଯୋଗଦେଇ ଭିନ୍ନକ୍ଷମମାନଙ୍କୁ ଚିହ୍ନଟ କରିଥିଲେ। ସେମାନଙ୍କ ନିମନ୍ତେ ସ୍ୱତନ୍ତ୍ର ନିଯୁକ୍ତି ଓ ପ୍ରଶିକ୍ଷଣ, ବସ ପାସ, ଡିଆରଆଇ ଲୋନ, ସ୍କାଲାର ସିପ, ଗ୍ରାମୀଣ ଗୃହ, ରାଶନ କାର୍ଡ, ବିବାହ ପ୍ରୋତ୍ସାହନ, ସାମାଜିକ ସୁରକ୍ଷା ଭତ୍ତା ନିମନ୍ତେ ଆବେଦନ ଗ୍ରହଣ କରିଥିଲେ। ଏଥିରେ ୨୫୮ଜଣ ନାମ ପଞ୍ଜୀକରଣ କରିଥିବା ବେଳେ ୨୧୧ଜଣଙ୍କୁ ଡାକ୍ତର ପରୀକ୍ଷା କରିଥିଲେ। ୩୩ଜଣଙ୍କୁ ସହାୟକ ଉପକରଣ ବଣ୍ଟନ ପାଇଁ ସୁପାରିଶ କରାଯାଇଥିଲା। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୌମ୍ୟ ପ୍ରସାଦ ମଲିକ, ମହାକାଳପଡ଼ା ବିଏସ୍‌ଏସ୍‌ଓ ଦୀପକ ରଞ୍ଜନ ପରିଡା ଓ ପ୍ରଗତି ସହାୟକ ପ୍ରିୟଶୀ ନାୟକ ସକ୍ରିୟ ସହଯୋଗ କରିଥିଲେ।

# ସେମିରେ ଭାମଣ୍ଡା ନୃସିଂହନାଥ କ୍ରିକେଟ୍ କ୍ଲବ

ରାଜକନିକା, ୨୯।୧୨ (ସଞ୍ଜୟ କୁମାର ଦାଶ)

**ବିପ୍ଲବୀ ଆନନ୍ଦ ଚନ୍ଦ୍ର କ୍ରିକେଟ ଟୁର୍ନାମେଣ୍ଟ**


ଅତିଥି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଟ୍ରଫି ପ୍ରଦାନ କରୁଛନ୍ତି।

ରାଜକନିକା ବ୍ଲକ ଡାଳିକାଏନ୍ଦା ଖେଳ ପଡ଼ିଆରେ ଆୟୋଜିତ ବିପ୍ଳବୀ ଆନନ୍ଦ ଚନ୍ଦ୍ର ଯୁବକ ସଂଘ ଆନୁକୂଲ୍ୟ ଏବଂ ମୁମ୍ବାଇ ଗୁରୁ ବ୍ରଦର୍ସ ପ୍ରାୟୋଜିତ ୪୮ତମ ବିପ୍ଳବୀ ଆନନ୍ଦ ଚନ୍ଦ୍ର କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ୪ର୍ଥ କ୍ୱାର୍ଟର ଫାଇନାଲ ଖେଳ ଅନୁଷ୍ଠିତ ହୋଇଯାଇଛି। ମ୍ୟାଚ ଭାମଣ୍ଡା ନୃସିଂହନାଥ କ୍ରିକେଟ କ୍ଲବ ବନାମ ଆୟୋଜକ ବିପ୍ଳବୀ ଆନନ୍ଦ ଚନ୍ଦ୍ର କ୍ରିକେଟ୍ କ୍ଲବ ମଧ୍ୟରେ ହୋଇଥିଲା। ଭାମଣ୍ଡା ନୃସିଂହନାଥ କ୍ରିକେଟ କ୍ଲବ ଆୟୋଜକ ବିପ୍ଳବୀ ଆନନ୍ଦ ଚନ୍ଦ୍ର ଦଳକୁ ହରାଇ ୪ର୍ଥ ଦଳ ଭାବେ ସେମି ଫାଇନାଲରେ ପ୍ରବେଶ କରିଛି। ନୃସିଂହନାଥ ଦଳ ପ୍ରଥମେ ବ୍ୟାଟିଂ କରି ୨୦ ଓଭର ୧ ଉଇକେଟ ହରାଇ ୨୪୪ ରନ ସଂଗ୍ରହ କରିଥିଲା। ଜବାବରେ ଆୟୋଜକ ବିପ୍ଳବୀ ଆନନ୍ଦ ଚନ୍ଦ୍ର ଦଳ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୨୦୫ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଖେଳରେ ମୁଖ୍ୟ ଅତିଥି ଭାବେ କନିକା ପୂଜ୍ୟପୂଜା ପରିଷଦର ସମ୍ପାଦକ କପିଳ ମିଶ୍ର, ସମ୍ମାନିତ ଅତିଥି ଭାବେ ଯୁବକ ସଂଘର ବରିଷ୍ଠ ଉପଦେଷ୍ଟା ଗଙ୍ଗାଧର ପାଗଳ, ସୈନିକ ଇଣ୍ଡିଆ ବରଗଡ଼ ଶାଖାର ଏମ୍.ଡ଼ି ବିରଞ୍ଚି ନାରାୟଣ ନାୟକ, ଶିକ୍ଷାବିତ୍ ବାସୁଦେବ ସ୍ୱାଇଁ, ହରେକୃଷ୍ଣ ବାରିକ ପ୍ରମୁଖ ଯୋଗଦେଇ ୨ ଦଳର ଖେଳାଳିମାନଙ୍କ ସହ ପରିଚିତ ହେବା ସହ ମ୍ୟାନ ଅଫ ଦି ମ୍ୟାଚ ଭାବେ ରଶ୍ମିରଞ୍ଜନ ଗୁରୁଙ୍କୁ ଟ୍ରଫି ସହ ପୁରସ୍କୃତ କରିଥିଲେ। ଏହି ଅବସରରେ ଯୁବକ ସଂଘର ସଭାପତି ପ୍ରମୋଦ ରାଉତ, ସମ୍ପାଦକ ସରୋଜ ବେହେରା, ବିଶ୍ୱାମିତ୍ର ଜେନା ଓ କୋଷାଧ୍ୟକ୍ଷ କୈଳାସ ଚନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଅମ୍ପେୟାର ଭାବେ ଅମିତ ବିଶ୍ୱାଳ ଓ ବିପ୍ଳବ ବେହେରା ଖେଳ ପରିଚାଳନା କରିଥିଲେ। ଉମେଶ ବେହେରା, ଅଜିତ ଗୁରୁ, ବିକ୍ରମ ସ୍ୱାଇଁ ଓ ମାନସ ନାୟକ ପ୍ରମୁଖଙ୍କ ସମେତ ଯୁବକ ସଂଘର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶନିବାର ପ୍ରଥମ ସେମିଫାଇନାଲରେ ଆଳି ମା’ ଖରାଖାଇ କ୍ରିକେଟ କ୍ଲବ ବନାମ ପାରି ନୂଆପଡ଼ାର ବହୁରୂପା କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

# ଗୋଟି ଶ୍ରମିକଙ୍କୁ ଅସିଦ୍ଧ ଘୋଷଣା ପରେ ପ୍ରତିବାଦ

- ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ
- ୨ ହଜାର ୯୯୫ ଆବେଦନକାରୀଙ୍କ ଫାଇଲ୍ ପଡ଼ି ରହିଛି
- ୫ ବର୍ତନଗ୍ରାହୀ ଗୋଟି ଶ୍ରମିକ ପାଇଥିଲେ ସହାୟତା ଓ ପ୍ରମାଣପତ୍ର
- ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ମାନୁନି ପ୍ରଶାସନ


ଗୋଟି ଶ୍ରମିକମାନଙ୍କ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

ନୟାଗଡ଼,୨୯।୧୨(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ପ୍ରଶାସନ ଦ୍ୱାରା ଚିହ୍ନଟ ହୋଇ ବର୍ତ୍ତନ ଗ୍ରାହୀ ଗୋଟି ଶ୍ରମିକ ପ୍ରମାଣପତ୍ର ଓ ପ୍ରମାଣପତ୍ର ସହ ସରକାରୀ ସହାୟତା ପାଇଥିବା ଗୋଟି ଶ୍ରମିକଙ୍କୁ ଅସିଦ୍ଧ ଘୋଷଣା ପରେ ପ୍ରତିବାଦ ଉଠିଛି। ଜିଲାରେ ୨,୯୯୫ ଜଣ ଗୋଟି ଶ୍ରମିକଙ୍କ ପ୍ରମାଣପତ୍ର ଓ ସରକାରୀ ସହାୟତା ଦେବାକୁ ଫାଇଲ ପ୍ରଶାସନ ନିକଟରେ ପଡ଼ି ରହିଥିବାବେଳେ ବର୍ତ୍ତନ ଗ୍ରାହୀ ଗୋଟି ଶ୍ରମିକ ନ ଥିବା କହିବାକୁ ବିରୋଧ କରାଯାଇଛି। ପ୍ରତିବାଦରେ ବର୍ତ୍ତନ ଗ୍ରାହୀ ଗୋଟି ଶ୍ରମିକମାନେ ଏକଜୁଟ ହୋଇ ଶୁକ୍ରବାର ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଗୋଟିମୁକ୍ତି ଆନ୍ଦୋଳନର ରାଜ୍ୟ ସଭାପତି ସୁରେଶ ସ୍ୱାଇଁ, ସଞ୍ଜୁକ୍ତା ସେଠୀ, ଗୋପବନ୍ଧୁ ସେଠୀ, ତ୍ରିଲୋଚନ ସେଠୀ, ଗୁନିବାଳା ସେଠୀଙ୍କ ନେତୃତ୍ୱରେ ବର୍ତ୍ତନ ଗ୍ରାହୀ ଗୋଟି ଶ୍ରମିକମାନେ ଆନ୍ଦୋଳନକୁ ତ୍ୱରାନ୍ୱିତ ପାଇଁ ପ୍ରସ୍ତୁତ ହେଉଛନ୍ତି।

ଅଭିଯୋଗ ଅନୁସାରେ ନୟାଗଡ଼ ଜିଲାରେ ୩ ହଜାରରୁ ଊର୍ଦ୍ଧ୍ୱ ରଜକ ଓ ବାରିକ ଅଛନ୍ତି। ତେବେ ଗୋଟି ଶ୍ରମିକ ଉଚ୍ଛେଦ ଆଇନ ୧୯୭୬ ଅନୁସାରେ ବାରିକ ଓ ରଜକ ଜାତିର ବର୍ତ୍ତନ ଗ୍ରାହୀ ଗୋଟି ଶ୍ରମିକ ଚିହ୍ନଟ, ମୁକ୍ତି, ପ୍ରମାଣ ପତ୍ର ଓ ଥଇଥାନ ପାଇଁ ନୟାଗଡ଼ ଜିଲାପାଳଙ୍କ ପାଖରେ ୨୦୧୪ରେ ୩ ହଜାର ଆବେଦନ ହୋଇଥିଲା। ଆବେଦନ ପରେ ଜିଲାପାଳ ସ୍ଥାନୀୟ ତହସିଲଦାରଙ୍କ ଦ୍ୱାରା ତଦନ୍ତ କରାଇ ରଣପୁର ବ୍ଲକର ୧୮୪, ଭାପୁରର ୭୦, ଖଣ୍ଡପଡ଼ା ବ୍ଲକର ୧୬୫ ଜଣ ଏପରି ମୋଟରେ ୪୧୯ ଜଣଙ୍କୁ ମୁକ୍ତ କରିବାକୁ ଘୋଷଣା କରିଥିଲେ। ତେବେ ୪୧୯ ବର୍ତ୍ତନ ଗ୍ରାହୀ ଗୋଟି ଶ୍ରମିକଙ୍କ ମଧ୍ୟରୁ ରଣପୁରର ୨୦ଜଣଙ୍କୁ ୨୦୧୬ ମସିହାରେ କେବଳ ପ୍ରମାଣପତ୍ର ମିଳିଥିଲା। ସେହିପରି ରଣପୁର ବ୍ଲକର ଅନ୍ୟ ୫ଜଣଙ୍କୁ ପ୍ରମାଣ ପତ୍ର ସହ ସହାୟତା ରାଶି ୫ ହଜାର ଟଙ୍କା ମିଳିଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ବର୍ତ୍ତନ ଗ୍ରାହୀ ଗୋଟି ଶ୍ରମିକ ଚିହ୍ନଟ, ପ୍ରମାଣ ପତ୍ର ଓ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି କୁହାଯାଇଥିଲା। କିନ୍ତୁ ଦିଆଯାଇ ନ ଥିଲା। ୨୦୨୧ ମସିହାରେ ଜିଲାପାଳ ନିଜ କୋର୍ଟକୁ ଡାକି ପ୍ରମାଣ ପତ୍ର ଓ ସରକାରୀ ସହାୟତା ଦିଆଯାଇଥିବା ବର୍ତ୍ତନ ଗ୍ରାହୀ ଗୋଟି ଶ୍ରମିକଙ୍କୁ ଅସିଦ୍ଧ ଘୋଷଣା କରିଥିଲେ। ବର୍ତ୍ତନ ଗ୍ରାହୀ ଗୋଟି ଶ୍ରମିକମାନେ ଏହାର ପ୍ରତିବାଦ କରିବାରୁ ସୁଫଳ ମିଳିଲା ନାହିଁ। ଏଣୁ ବର୍ତ୍ତନ ଗ୍ରାହୀ ଗୋଟି ଶ୍ରମିକ ହାଇକୋର୍ଟର ଆଶ୍ରୟ ନେଇଥିଲେ।

ଏ ସମ୍ପର୍କରେ ଗୋଟିମୁକ୍ତି ଆନ୍ଦୋଳନର ରାଜ୍ୟ ସଭାପତି ସୁରେଶ ସ୍ୱାଇଁଙ୍କୁ ପଚାରିବାରେ ବର୍ତ୍ତନ ଗ୍ରାହୀ ଗୋଟି ଶ୍ରମିକଙ୍କୁ ଜିଲାପାଳ ଅସିଦ୍ଧ ଘୋଷଣା କରିବା ପରେ ଗୋଟି ମୁକ୍ତି ଆନ୍ଦୋଳନ ପକ୍ଷରୁ ହାଇକୋର୍ଟରେ ଅଭିଯୋଗ କରାଯାଇଥିଲା। ବର୍ତ୍ତନ ଗ୍ରାହୀ ଗୋଟି ଶ୍ରମିକଙ୍କୁ ଅସିଦ୍ଧ ଘୋଷଣା ନ କରି ତୁରନ୍ତ ପ୍ରମାଣ ପତ୍ର ଓ ସରକାରୀ ସହାୟତା ଦେବାକୁ ହାଇକୋର୍ଟ ୧୬।୮।୨୦୨୧ରେ ରାୟ ଦେଇଥିଲେ। ହାଇକୋର୍ଟଙ୍କ ରାୟକୁ ଜିଲା ପ୍ରଶାସନ ଅଣଦେଖା କରି ପ୍ରସଙ୍ଗକୁ ଶୀତଳଭଣ୍ଡାରରେ ପକାଇ ରଖିଲା। ଏଣୁ ଗୋଟି ଶ୍ରମିକ ଆନ୍ଦୋଳନ ପକ୍ଷରୁ କଣ୍ଟେମ୍ପ୍ଟ କରାଯାଇଥିଲା। ହାଇକୋର୍ଟରେ କଣ୍ଟେମ୍ପ୍ଟ ପରେ ମିଶ କେସ୍ ନଂ. ୫/୨୦୨୨ରେ ଆବେଦନକାରିଣୀଙ୍କୁ କୋର୍ଟକୁ ଡକାଇ ହାଜରା ନେଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ପ୍ରଶାସନ ବର୍ତନ ଗ୍ରାହୀ ଗୋଟି ଶ୍ରମିକଙ୍କୁ ଅଣଦେଖା କରିବାକୁ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା। ରଣପୁରର ସଞ୍ଜୁକ୍ତା ସେଠୀ ଓ ଶରତ ସେଠୀ କହିଛନ୍ତି, ଆମେ ଜଣେ ଜଣେ ଗୋଟି ଶ୍ରମିକ। ଆମ୍ଭ ଗାଁରେ ଏଯାବତ ଛୁଆଁ ଅଛୁଆ ଭେଦଭାବ ଲାଗି ରହିଛି। ଆମେ ବର୍ଷକୁ ଧାନ ବର୍ତ୍ତନ ନେଇ ବିବାହ, ବ୍ରତ, ଶୁଦ୍ଧ କାର୍ଯ୍ୟ ସହ ବିଭିନ୍ନ କାର୍ଯ୍ୟରେ ଗୋଟି ଶ୍ରମିକ ଭାବେ କାମ କରି ଆସୁଛି। ଆମ ଗାଁର ବାରିକ ଜାତିର ଲୋକ ମଧ୍ୟ ଚୁଟି, ଦାଢ଼ି କାଟି ଅନୁରୂପ ସେବା ଦେଇ ଆସୁଛନ୍ତି। ଜିଲାରେ ଗୋଟି ଶ୍ରମିକ ପ୍ରଥା ରହିଛି। ହେଲେ ଜିଲାପାଳ କହିଛନ୍ତି ଜିଲାରେ ଗୋଟି ଶ୍ରମିକ ନାହାନ୍ତି। ତେବେ ଶୁଦ୍ଧ ଘରେ କିଏ ପୋଖରୀ ତୋଠରେ ଚୁଟି ଓ ଦାଢ଼ି, ନଖ କାଟୁଛି। କିଏ ଲୁଗା ସଫା କରି ଲୋକଙ୍କୁ ଦେଉଛି। ନୟାଗଡ଼ ଜିଲାପାଳ କେଉଁଠି ଚୁଟି କାଟୁଛନ୍ତି। ଜିଲା ପ୍ରଶାସନ ଯଦି ବାରିକ ଓ ରଜତ ଜାତିର ସମସ୍ୟାକୁ ଅନୁଧ୍ୟାନ କରି ସେମାନଙ୍କୁ ଚିହ୍ନଟ କରି ପ୍ରମାଣ ପତ୍ର ଓ ସରକାରୀ ସହାୟତା ନ ଦିଅନ୍ତି ଜିଲାରେ ଆନ୍ଦୋଳନ ତୀବ୍ରତର ହେବ ବୋଲି କହିଛନ୍ତି।

# ବାଲ୍ୟବିବାହ, ନିଶା ନିବାରଣକୁ ନେଇ ସଚେତନତା

## ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ରଣପୁର, ୨୯।୧୨(ସୁକାନ୍ତ କିଶୋର ଡ଼ାକୁଆ)

ରଣପୁର ମା' ମଣିନାଗ ଦୁର୍ଗା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ଦ୍ୱାରା ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ୭ ତାରିଖରୁ ଆରମ୍ଭ ହୋଇ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ପ୍ରତ୍ୟେକ ଦିନ ସାମାଜିକ କାର୍ଯ୍ୟରେ ବାଲ୍ୟ ବିବାହ, ନିଶା ନିବାରଣ, ଯୌତୁକ ପ୍ରଥାକୁ ବିରୋଧ ଓ ଅନ୍ଧ ବିଶ୍ୱାସ ଆଦି ଉପରେ ସାଧାରଣ ଲୋକଙ୍କୁ ମହାବିଦ୍ୟାଳୟ ଛାତ୍ରୀମାନେ ସଚେତନତା କରାଉଥିଲେ। ବିଦ୍ୟାଳୟରେ ଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେଉଥିଲା। ଏହାଦ୍ୱାରା ଛାତ୍ରୀମାନଙ୍କ ପ୍ରତିଭା ବିକଶିତ ହେଉଛି। ବିଦ୍ୟାଳୟର ଅଧ୍ୟକ୍ଷା ଡ. ସୁକାନ୍ତି ଦେବୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ସତ୍ୟ ନାରାୟଣ ପ୍ରଧାନ ଓ ମୁଖ୍ୟ ବକ୍ତା ଭାବେ ଜିଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ ଯୋଗଦେଇ ଛାତ୍ରୀମାନଙ୍କ ଉନ୍ନତି ପାଇଁ କାର୍ଯ୍ୟକ୍ରମର ଉପାଦେୟତାର ବାର୍ତ୍ତା ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଏନ୍‌ଏସି ଅଧ୍ୟକ୍ଷା ରଙ୍ଗୀନ ମହାନ୍ତି ଓ ପୂର୍ବତନ ପରିଚାଳନା କମିଟିର ପ୍ରଥମ ସମ୍ପାଦକ ଚନ୍ଦ୍ର ଶେଖର ସିଂସାମନ୍ତ, ଗୋବିନ୍ଦ ଚନ୍ଦ୍ର ପୃଷ୍ଟି, ମାଗୁଣି ଚରଣ ବେହେରା, ସନାତନ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଆଧ୍ୟାପିକା ନୀଳିମା ନନ୍ଦ ସ୍ୱାଗତ ବକ୍ତବ୍ୟ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। କ୍ରୀଡା ସାଂସ୍କୃତିକ ଓ ସମାଜ ସେବା କାର୍ଯ୍ୟକ୍ରମରେ ସଫଳ ହୋଇଥିବା ଛାତ୍ରୀ ମାନଙ୍କୁ ଅତିଥିମାନେ ପ୍ରଶଂସାପତ୍ର ପ୍ରଦାନ କରିଥିଲେ। ଛାତ୍ରୀମାନଙ୍କ ମଧ୍ୟରେ ଗୀତାଞ୍ଜଳି ଜେନା ଚାମ୍ପିୟନ ହୋଇଥିଲେ। କଲେଜର ଆଧ୍ୟାପିକା, କର୍ମଚାରୀ ସହଯୋଗ କରିଥିଲେ। ଶେଷରେ ନୋଡାଲ ଅଫିସର ଗୀତାଞ୍ଜଳି ମିଶ୍ର ଧନ୍ୟବାଦ ଦେଇଥିଲେ।

# ବାର୍‌ହା ଉତ୍ପାତ: ୨ ଦିନରେ ୪ ଜଣଙ୍କୁ ଆକ୍ରମଣ

ନୂଆଗାଁ, ୨୯।୧୨ (ଧନେଶ୍ୱର ସାହୁ)

ନୟାଗଡ଼ ବନଖଣ୍ଡ ମହିପୁର ବନାଞ୍ଚଳ ମହିତମା ଫରେଷ୍ଟ ସେକ୍ସନ ଅଧୀନରେ ଥିବା ସୋରଡ଼ା ଗ୍ରାମରେ ୨ ଦିନ ହେଲା ଜଙ୍ଗଲି ବାର୍‌ହା ଉତ୍ପାତ ଦେଖାଦେଇଛି। ବାର୍‌ହା ଗୁରୁବାର ଓ ଶୁକ୍ରବାର ୪ ଜଣଙ୍କୁ ଆକ୍ରମଣ କରି ଆହତ କରିଛି। କିନ୍ତୁ ଗ୍ରାମ ଭିତରେ ପଶି ବାର୍‌ହା ଲୋକମାନଙ୍କୁ ଆକ୍ରମଣ କରିଥିଲେ ମଧ୍ୟ ବନ ବିଭାଗ କର୍ମଚାରୀ ବାର୍‌ହା ଆକ୍ରମଣ କରିବା ଘଟଣାକୁ ଗୁରୁତ୍ୱ ଦେଉନି। ବିନ ବିଭାଗ ବାର୍‌ହାକୁ ଜଙ୍ଗଲ ଭିତରକୁ ଘଉଡାଇ ଲୋକଙ୍କୁ ସୁରକ୍ଷା ଦେବାକୁ ଚେଷ୍ଟା କରୁ ନ ଥିବା ଅଭିଯୋଗ ହେଉଛି।

ସୋରଡା ଗ୍ରାମକୁ ଲାଗି ରହିଥିବା ଜଙ୍ଗଲରୁ ଗୋଟିଏ ବାର୍‌ହା ଗାଁ ମୁହାଁ ହୋଇଛି। ଗାଁକୁ ଲାଗି ରହିଥିବା ପୋଖରୀକୁ ଶୌଚ ହେବାକୁ ଗଲା ବେଳେ ବାର୍‌ହା ଆକ୍ରମଣ କରୁଛି। ଗୁରୁବାର ପୋଖରୀ ନିକଟରେ ଗୋଲାପ ନାୟକଙ୍କୁ ଆକ୍ରମଣ କରିଥିଲା। ପରେ ମୁସଲିମ ସାହି ଭିତରେ ପଶି ଜଣେ ୮ ବର୍ଷର ବାଳକ ଓ ୧୨ ବର୍ଷର ବାଳିକାକୁ ଆକ୍ରମଣ କରିଥିଲା। ଶୁକ୍ରବାର ସକାଳୁ ସୋରଡା ଗ୍ରାମର ଯୋଗେନ୍ଦ୍ର ରାଉତ ଶୌଚ ହେବାକୁ ପୋଖରୀକୁ ଯାଇଥିବା ବେଳେ ବାର୍‌ହା ଅତର୍କିତ ଭାବେ ପଛପଟୁ ଆସି ଆକ୍ରମଣ କରିଥିଲା। ଫଳରେ ଯୋଗେନ୍ଦ୍ରଙ୍କ ପିଠିରେ ଗଭୀର ଆଘାତ ଲାଗିଛି। ସେ ପ୍ରଥମେ ନୂଆଗାଁ ଓ ପରେ ମହିପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ଚିକିତ୍ସିତ ହୋଇଛନ୍ତି। ଜଙ୍ଗଲି ବାର୍‌ହା ବାରମ୍ବାର ଆକ୍ରମଣ କରୁଥିଲେ ମଧ୍ୟ ତାହାକୁ ଜଙ୍ଗଲ ଭିତରକୁ ଘଉଡାଇବାର ବନ କର୍ମଚାରୀ ପଦକ୍ଷେପ ନେଉନାହାନ୍ତି। ବାର୍‌ହା ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତିମାନଙ୍କୁ କେବଳ ଚିକିତ୍ସା ବାବଦରେ ବନ କର୍ମଚାରୀ ପଚାରି ନିଜର କର୍ତ୍ତବ୍ୟ ସାରି ଦେଉଛନ୍ତି। ଗୋଟିଏ ପଟେ ଜଙ୍ଗଲ ଜନ୍ତୁଙ୍କୁ ମାରିଲେ ବନ ବିଭାଗ ମାମଲା ରୁଜୁ କରୁଛି ଅନ୍ୟପକ୍ଷେ ଗାଁରେ ପଶି ବାର୍‌ହା ଲୋକମାନଙ୍କୁ ଆକ୍ରମଣ କରି ଆହତ କରୁଥିଲେ ହେଁ ବିଭାଗ କୌଣସି ସୁରକ୍ଷା ଦେଉନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ମହିତମା ଫରେଷ୍ଟର ମୀନକେତନ ନାୟକଙ୍କୁ ପଚାରିବାରେ ବନ ବିଭାଗ ପକ୍ଷରୁ ଆହତଙ୍କୁ ସହାୟତା ପାଇଁ ଆମେ ଆବେଦନ କରାଇଛୁ ଏବଂ ବାର୍‌ହାକୁ ଜଙ୍ଗଲକୁ ଘଉଡ଼ାଇବା ପାଇଁ ଚେଷ୍ଟା କରୁଛୁ ବୋଲି ସେ କହିଛନ୍ତି।

# ଶିକ୍ଷା ସହ ପିଲାଙ୍କ ଅନ୍ତର୍ନିହିତ ଗୁଣର ବିକାଶ ଜରୁରୀ

## ନୀଳମାଧବ ମହାବିଦ୍ୟାଳୟରେ ସାମାଜିକ କାର୍ଯ୍ୟକ୍ରମ



ଖଣ୍ଡପଡ଼ା,୨୯।୧୨
(ଅଜୟ କୁମାର ମହାରଣା)

କଣ୍ଟିଲୋର ନୀଳମାଧବ ମହାବିଦ୍ୟାଳୟ ରାଜ୍ୟ ସରକାରଙ୍କ ଆଇୱାଇଡିପି ଆନୁକୂଲ୍ୟରେ ସ୍ୱାସ୍ଥ୍ୟ ପରୀକ୍ଷା, ସଡ଼କ ନିରାପତ୍ତା ଓ ନିଶା ନିବାରଣ ଆଦି ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ରଣଜିତ କୁମାର ତ୍ରିପାଠୀଙ୍କ ପୌରୋହିତ୍ୟରେ କଲେଜ ସମ୍ମିଳନୀ କକ୍ଷରେ ଆୟୋଜିତ ଉତ୍ସବର ମୁଖ୍ୟ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ଶିଶିର କୁମାର ସାହୁ ଯୋଗଦେଇ ଶିକ୍ଷା ସହ ଛାତ୍ରୀଛାତ୍ରମାନଙ୍କର ଅନ୍ତର୍ନିହିତ ଗୁଣର ବିକାଶ ହେବା ଜରୁରୀ ବୋଲି କହିଥିଲେ। କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ହେଉଛି ଶିକ୍ଷାନୁଷ୍ଠାନରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ସହ ସାମାଜିକ, ଆର୍ଥିକ, ଶାରିରୀକ, ମାନସିକ, ସାଂସ୍କୃତିକ ଓ ବୌଦ୍ଧିକ ବିକାଶରେ ସହାୟକ ହୋଇପାରିବ। ଅତିଥି ଭାବେ ନୋଡାଲ ଅଫିସର ଓମ୍ ପ୍ରକାଶ ସାହୁ, ପ୍ରାଧ୍ୟାପକ ସୁଜଳ କୁମାର ମହାରଣା, ହୃଷୀକେଶ ମିଶ୍ର, ପ୍ରଶାନ୍ତ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅନୁଷ୍ଠାନର ଛାତ୍ରୀମାନଙ୍କ ଦ୍ୱାରା 'ବାଲ୍ୟ ବିବାହ' ଏକାଙ୍କିକା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅଧ୍ୟାପକ ରମେଶ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅଧ୍ୟାପିକା ସରଳା ବେହେରା ଧନ୍ୟବାଦ ଦେଇଥିଲେ।

# କୁରାଳ କଲେଜରେ ଶୀତକାଳୀନ ସ୍ୱତନ୍ତ୍ର ଶିବିର

ଓଡ଼ଗାଁ,୨୯।୧୨
(ଆଦର୍ଶ କୁମାର ପଟ୍ଟନାୟକ)

ଓଡ଼ଗାଁ ବ୍ଲକ ଅନ୍ତର୍ଗତ କୁରାଳସ୍ଥିତ ଦଧିବାମନ ସଂସ୍କୃତ ମହାବିଦ୍ୟାଳୟରେ ଶୁକ୍ରବାର ଜାତୀୟ ସେବା ଯୋଜନାର ଶୀତକାଳୀନ ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ ହୋଇଯାଇଛି। ଯୋଜନା ଅଧିକାରିଣୀ ସୁଷମା ମଞ୍ଜରୀ ପାଣିଗ୍ରାହୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ମୁଖ୍ୟଅତିଥି ଭାବେ ଜିଲାପରିଷଦ ସଭ୍ୟା ଝିଲ୍ଲୀ ପ୍ରଧାନ ଯୋଗଦେଇ ନିଃସ୍ୱାର୍ଥପର ସମାଜସେବାରେ ବ୍ରତୀ ହେବାକୁ ଶିବିରାର୍ଥୀଙ୍କୁ ପରାମର୍ଶ ଦେଇଥିଲେ। ସମିତିସଭ୍ୟା କନକ ପାତ୍ର ମୁଖ୍ୟବକ୍ତା, ଅଙ୍ଗନୱାଡ଼ି କର୍ମୀ ସୁଶ୍ରୀ ନମିତା ବେହେରା ଶିବିରାର୍ଥୀଙ୍କୁ ଉତ୍ସାହିତ କରିଥିଲେ। ମହାବିଦ୍ୟାଳୟର ପରିଚାଳନା ପରିଷଦର ସଦସ୍ୟା ଶ୍ରାବଣୀ ଆଚାର୍ଯ୍ୟ ଓ ସନ୍ତୋଷିନୀ ପାତ୍ର ଉତ୍ସବରେ ଯୋଗଦେଇ ଶିବିରାର୍ଥୀଙ୍କୁ ସେବାଧର୍ମ ପ୍ରତି ଆକୃଷ୍ଟ ହେବାକୁ ଉତ୍ସାହିତ କରାଇଥିଲେ। ଅଧ୍ୟକ୍ଷ ଭାବଗ୍ରାହୀ କରଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଅଧ୍ୟାପକ ଅବନିକାନ୍ତ ପାତ୍ର, ସୁଶାନ୍ତ କୁମାର ବିଶୋଇ ଓ ଅନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ। ଅଧ୍ୟାପକ କୃଷ୍ଣଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଅର୍ପିତା


@ ମୋନାଲିସା


@ ରଶ୍ମିରଞ୍ଜନ


@ ନରେଶ


@ ରାମନାରାୟଣ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଫାଇନାଲ୍‌ରେ ୟଙ୍ଗ୍ ଉତ୍କଳ କଟକ ଦଳ


ଅତିଥିମାନେ ମ୍ୟାନ ଅଫି ଦି ଟ୍ରଫି ପ୍ରଦାନ କରୁଛନ୍ତି।

## ୫ମ ସର୍ବଭାରତୀୟ ଓଡ଼ଗାଁ କପ ଫୁଟ୍‌ବଲ

ଓଡ଼ଗାଁ,୨୯।୧୨
(ଆଦର୍ଶ କୁମାର ପଟ୍ଟନାୟକ)

ଓଡ଼ଗାଁ ଫୁଟବଲ ଆସୋସିଏଶନ ଆନୁକୂଲ୍ୟରେ ଓଡ଼ଗାଁ ମିନି ଷ୍ଟାଡ଼ିୟମ ଠାରେ ଚାଲିଥିବା ୫ମ ସର୍ବ ଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲ୍ ମ୍ୟାଚ୍‌ରେ ଜଗା ୟୁନାଇଟେଡ଼ ଭୁବନେଶ୍ୱର ସହ ୟଙ୍ଗ ଉତ୍କଳ କଟକ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ପ୍ରଥମରୁ ଉଭୟ ଦଳ ପରସ୍ପରକୁ ଗୋଲ ଦେବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ପ୍ରଥମାର୍ଦ୍ଧର ୨୫ ତମ ମିନିଟ୍‌ରେ ୟଙ୍ଗ ଉତ୍କଳ କଟକ ଦଳ ଜଗା ୟୁନାଇଟେଡକୁ ଗୋଟିଏ ଗୋଲ ଦେଇ ଆଗୁଆ ଥିଲା। ଦ୍ୱିତୀୟାର୍ଦ୍ଧରେ କେଉଁ ଦଳ କାହାକୁ ଗୋଲ ଦେଇ ପାରି ନ ଥିଲେ। ଫଳରେ ୟଙ୍ଗ ଉତ୍କଳ କଟକ ଦଳ ୧-୦ରେ ବିଜୟୀ ହୋଇ ଦ୍ୱିତୀୟ ଦଳ ଭାବେ ଫାଇନାଲ୍‌ରେ ପ୍ରବେଶ କରିଛି। ବିଜେତା ଦଳର ଗଣେଶ ସେଠୀଙ୍କୁ ଶ୍ରେଷ୍ଠ ଖେଳ ପ୍ରଦର୍ଶନ ନିମନ୍ତେ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଖେଳକୁ ରାଜୁ ମହାନ୍ତି ପରିଚାଳନା କରିଥିବା ବେଳେ ଜଗନ୍ନାଥ ପରିଡ଼ା, ଶଶିକାନ୍ତ ଦାସିଆ, ରମେଶ ପାଇକରାୟ ଲାଇନରେ ସହାୟତା କରିଥିଲେ। ଏହି ସେମି ଫାଇନାଲ୍ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଯୋଗ ଦେଇଥିଲେ। ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ରଘୁନାଥ ସମବାୟ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁରେଶ ଚନ୍ଦ୍ର ହୋତା, ଜିଲା ପରିଷଦ ସଭ୍ୟା ବିରଜାଲକ୍ଷ୍ମୀ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ଶନିବାର ଫାଇନାଲ୍ ମ୍ୟାଚ୍ ଗଣ୍ଡରପୁର ଭୁବନେଶ୍ୱର ସହ ୟଙ୍ଗ ଉତ୍କଳ କଟକ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କଠାରୁ ଜଣାପଡ଼ିଛି।

# ୪ରେ ପଠାଣି ସାମନ୍ତ ଜୟନ୍ତୀ

ଖଣ୍ଡପଡ଼ା,୨୯।୧୨
(ଅଜୟ କୁମାର ମହାରଣା)

ବିଶ୍ୱ ବିଖ୍ୟାତ ଜ୍ୟୋତିର୍ବିଦ ମହାମହୋପାଧ୍ୟାୟ ଚନ୍ଦ୍ର ଶେଖର ପଠାଣି ସାମନ୍ତଙ୍କ ୧୮୯ତମ ଜୟନ୍ତୀ ଜନ୍ମମାଟି ଖଣ୍ଡପଡ଼ାରେ ଜାନୁୟାରୀ ୪ରେ ପାଳିତ ହେବ। ଖଣ୍ଡପଡ଼ା ସହରାଞ୍ଚଳସ୍ଥିତ ମହିଳା ମହାବିଦ୍ୟାଳୟ ପରିସରରେ 'ପଠାଣି ସାମନ୍ତ ମେମୋରିଆଲ ପରିଷଦ' ଏବଂ 'ଓଡ଼ିଶା ସାହିତ୍ୟ ଏକାଡେମୀ'ର ମିଳିତ ଆନୁକୂଲ୍ୟରେ ସାମନ୍ତଙ୍କ ଜୟନ୍ତୀ ଉତ୍ସବ ପାଳନ ପାଇଁ ନିଷ୍ପତ୍ତି ନିଆଯାଇଛି ବୋଲି ଆୟୋଜକ ସ୍ତମ୍ଭକାର ଗିରିଜା ଶଙ୍କର ତରାସିଆଙ୍କଠାରୁ ପ୍ରକାଶ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ପ୍ରତିଯୋଗିତା ପରୀକ୍ଷା ଅନୁଷ୍ଠିତ ହେବ। ଆୟୋଜିତ କାର୍ଯ୍ୟକ୍ରମରେ ବହୁମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେବାର କାର୍ଯ୍ୟକ୍ରମ ରହିଥିବା ବେଳେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି।

# ଟ୍ରାଏଲରେ ଦଶପଲ୍ଲାକୁ ଗଡ଼ିଲା ମେମୁ ଟ୍ରେନ୍

- ୩ରେ ରେଳ ମହାପ୍ରବନ୍ଧକଙ୍କ ଦଶପଲ୍ଲା ଗସ୍ତ
- ପୁଣି ରେଳ ବିଭାଗର ତତ୍ପରତା
- ୨୦୨୩ରେ ଟ୍ରେନ୍ ଚଳାଚଳ ହେବାର ଆଶା ମଉଳିଲା



ନୟାଗଡ଼/ଦଶପଲ୍ଲା,୨୯।୧୨
(ଲୋକନାଥ ମିଶ୍ର/ ପ୍ରକାଶ କୁମାର ପାଣି)

ଜାନୁୟାରୀ ୩ରେ ପୂର୍ବତଟ ରେଳ ବିଭାଗର ମହାପ୍ରବନ୍ଧକ ମନୋଜ ଶର୍ମାଙ୍କ ନୟାଗଡ଼ ଜିଲାର ଦଶପଲ୍ଲା ଗସ୍ତ କାର୍ଯ୍ୟକ୍ରମ ରହିଛି। ମହାପ୍ରବନ୍ଧକ ଭୁବନେଶ୍ୱରରୁ ଦଶପଲ୍ଲାକୁ ରେଳ ଇଞ୍ଜିନରେ ଆସି ୱେଣ୍ଡୋ ଟ୍ରେଲିଂ କରିବା ସହ ଟ୍ରାକ, ଓଏଚଇ, ସିଗନାଲ ଇତ୍ୟାଦି ବ୍ୟବସ୍ଥାର ନିରୀକ୍ଷଣ କରିବେ। ଅନ୍ୟପକ୍ଷେ ସ୍ୱତନ୍ତ୍ର ସ୍ୱୟଂ ଚାଳିତ କୋଚରେ ରେଳ ଷ୍ଟେଶନର ଆନୁଷଙ୍ଗିକ ବ୍ୟବସ୍ଥା ସହ ଦଶପଲ୍ଲା ଷ୍ଟେଶନର ବିଭିନ୍ନ କାର୍ଯ୍ୟର ଅଗ୍ରଗତି ନେଇ ଅନୁଧ୍ୟାନ କରିବେ। ଅପରପକ୍ଷେ ଖୋର୍ଦ୍ଧା ରୋଡ ଜଙ୍କଶନଠାରୁ ଦଶପଲ୍ଲାକୁ ଏକ ମେମୁ ଟ୍ରେନ ଶୁକ୍ରବାର ଟ୍ରାଏଲ ପାଇଁ ଗଡ଼ିଛି। ପାସେଞ୍ଜର ଟ୍ରେନ ଗଡ଼ିବା ପୂର୍ବରୁ ବାରମ୍ବାର ଟ୍ରାଏଲ ହୋଇଥାଏ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷେ ଦଶପଲ୍ଲା ରେଳ ଷ୍ଟେଶନ ୨୦୨୩ରେ ଆଉ ଉଦ୍‌ଘାଟନ ହୋଇପାରିବ ନାହିଁ ବୋଲି ଜଣାପଡ଼ିବା ପରେ ସାଧାରଣରେ ଉଦ୍‌ବେଗ ଓ ଅସନ୍ତୋଷ ବଢ଼ି ଚାଲିଛିୟ।

ପୂର୍ବତଟ ରେଳ ବିଭାଗର ମୁଖ୍ୟ ସୁରକ୍ଷା ଅଧିକାରୀ ୪ ମାସ ତଳୁ ଦଶପଲ୍ଲାକୁ ଟ୍ରେନ ଚଳାଚଳ ପାଇଁ ଆବଶ୍ୟକ ନିରାପତ୍ତା ପ୍ରମାଣ ପତ୍ର ପ୍ରଦାନ କରି ସାରିଛନ୍ତି। ପୁଣି ଷ୍ଟେଶନର ସମସ୍ତ ଆନୁଷଙ୍ଗିକ କାର୍ଯ୍ୟ ଶେଷ ହୋଇଛି। ହେଲେ ଦଶପଲ୍ଲାକୁ କେବେ ରେଳ ଗଡ଼ିବ ସେନେଇ ସରକାରୀ ସ୍ତରରେ ଘୋଷଣା କରାଯାଉନାହିଁ। ଟ୍ରେନ ଚଳାଚଳକୁ ଦଶପଲ୍ଲାବାସୀ ଅପେକ୍ଷା କରି ରହିଥିଲା ବେଳେ ବାରମ୍ବାର ଷ୍ଟେଶନ ଉଦ୍‌ଘାଟନ ପର୍ବ ଘୁଞ୍ଚି ଚାଲିଛି। ଦଶପଲ୍ଲାକୁ ରେଳ ଚଳାଚଳରେ ବିଳମ୍ବକୁ ନେଇ ଦଶପଲ୍ଲା ଜନସାଧାରଣଙ୍କ ସହଯୋଗରେ ନୟାଗଡ଼ ନାଗରିକ ମଞ୍ଚ ଗତ ୨୨ ତାରିଖରେ ନୟାଗଡ଼ ଷ୍ଟେଶନରେ ବିକ୍ଷୋଭ କରିଥିଲା। ଦଶପଲ୍ଲାକୁ ରେଳ ଚଳାଚଳ ଦାବି ସହ ନୟାଗଡ଼ ଟାଉନ ଷ୍ଟେଶନରେ ଅପେକ୍ଷାରତ ଯାତ୍ରୀଙ୍କ ପାଇଁ ବିଶ୍ରାମସ୍ଥଳର ସମ୍ପ୍ରସାରଣ, ନୟାଗଡ଼ରୁ କୋଲକତା ଏବଂ ବିଶାଖାପାଟଣାକୁ ରେଳ ଚଳାଚଳର ବ୍ୟବସ୍ଥା, ଭୁବନେଶ୍ୱର ଓ ପୁରୀକୁ ଅଧିକ ଟ୍ରେନର ବ୍ୟବସ୍ଥା, ନୟାଗଡ଼-ଖଣ୍ଡପଡ଼ା ରାସ୍ତାରେ ନିର୍ମାଣାଧୀନ ଓଭରବ୍ରିଜକୁ ସମାପ୍ତ କରିବା, ରେଳ ଷ୍ଟେଶନରେ ନିର୍ମାଣାଧୀନ ଫୁଟ୍ ଓଭରବ୍ରିଜ ଏବଂ ୨ୟ ପ୍ଲାଟଫର୍ମ କାର୍ଯ୍ୟ ଶୀଘ୍ର ଶେଷ କରିବା, ରାଜ୍ୟ ରାଜପଥରୁ ଷ୍ଟେଶନକୁ ସଂଯୋଗ କରୁଥିବା ରାସ୍ତାର ମରାମତି ତଥା ଭୁବନେଶ୍ୱରଠାରୁ ନୂଆଗାଁ ରୋଡ ଏବଂ ଭଦ୍ରକ ଟ୍ରେନ ମଧ୍ୟରେ ରହୁଥିବା ୧୦ ମିନିଟ୍‌ର ବ୍ୟବଧାନକୁ ୧ ଘଣ୍ଟା ବୃଦ୍ଧି କରିବା ପରି ଅନୁରୂପ ଦାବି ରହିଥିଲା। ସେହି ଏକା ଦିବସରେ ମହିପୁର ଷ୍ଟେଶନରେ କଂଗ୍ରେସ ପକ୍ଷରୁ ଆନ୍ଦୋଳନ କରାଯାଇଥିଲା। ଆନ୍ଦୋଳନ ସାମୟିକ ସମୟ ପାଇଁ ବନ୍ଦ ରହିଥିଲେ ମଧ୍ୟ ଆଗାମୀ ଦିନରେ ପୁଣି ବଡ଼ଧରଣର ଆନ୍ଦୋଳନ କରାଯିବାକୁ ପ୍ରସ୍ତୁତି ଜାରି ରହିଛି। ସେପଟେ ରେଳ ବିଭାଗ ବିଭିନ୍ନ ପଦାଧିକାରୀଙ୍କ ଗସ୍ତ ଓ ଟ୍ରାଏଲ ଟ୍ରେନ ଗଡାଇ ସମୟ ଗଡାଇ ଚାଲିଛି ବୋଲି ଅଭିଯୋଗ ଉଠିଛି।

